## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ମାସ୍ ଇଭେଣ୍ଟସ୍ ତରଫରୁ ଓଡ଼ିଶା ମୋଶନ ପିକ୍‌ଚର୍ ଆୱାର୍ଡ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ମନୀଷ ହତ୍ୟା ମାମଲା: ଚାର୍ଜଶିଟ୍ ଦାଖଲ

ଭୁବନେଶ୍ୱର,୧୧।୨(ବ୍ୟୁରୋ): ବହୁଚର୍ଚ୍ଚିତ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷଙ୍କ ହତ୍ୟା ମାମଲାରେ ଇନ୍‌ଫୋସିଟି ଥାନା ପକ୍ଷରୁ ଶୁକ୍ରବାର ଚାର୍ଜଶିଟ୍ ଦାଖଲ କରାଯାଇଛି। ପ୍ରାୟ ୨୦୦ରୁ ଅଧିକ ପୃଷ୍ଠା ସମ୍ବଳିତ ଚାର୍ଜଶିଟ ପୋଲିସ ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଛି। ଏଥିରେ ସାକ୍ଷୀ ପ୍ରମାଣ ସହ ମାମଲା ସମ୍ପର୍କିତ ଅନ୍ୟ କାଗଜପତ୍ର ରହିଛି। ଏହି ମାମଲାର ୯୦ଦିନ ମଧ୍ୟରେ ପୋଲିସ ଏହି ଚାର୍ଜଶିଟ ଦାଖଲ କରିଛି। ଏଥିରେ ହୋଟେଲ ଆଣ୍ଡ ବାର୍ ସାଉଥ୍‌ସିଟିର କର୍ମଚାରୀ, ୟୁନିଟ-୪ସ୍ଥିତ ହୋଟେଲ କର୍ମଚାରୀ ଓ ଅନ୍ୟମାନେ ସାକ୍ଷୀ ହୋଇଛନ୍ତି। ପ୍ରମାଣ ହିସାବରେ ମନୀଷଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ମଣିକର୍ଣ୍ଣିକା ପୋଖରୀ କୂଳରୁ ମିଳିଥିବା ପ୍ରମାଣ, ସାଉଥ ସିଟି ବାର୍ ନିକଟ ସିସି କ୍ୟାମେରା ଫୁଟେଜ, ଅଭିଯୁକ୍ତମାନେ ରାତି ବିତାଇଥିବା ହୋଟେଲର ରେଜିଷ୍ଟ୍ରାର ଖାତା ନଂ. ଓ ଅଭିଯୁକ୍ତମାନେ ବ୍ୟବହାର କରିଥିବା କାର୍‌ର କାଗଜପତ୍ର ଆଦି ରହିଛି। ସୂଚନା ଥାଉକି, ଗତବର୍ଷ ଅକ୍ଟୋବର ୧୦ତାରିଖ ମନୀଷଙ୍କ ମୃତ୍ୟୁ ଘଟିଥିଲା।

### ରେଳ ମଣ୍ଡଳ ରାଜଭାଷା ବିଭାଗ ପକ୍ଷରୁ ପୁରସ୍କାର ବିତରଣ



ଜଟଣୀ,୧୧।୨(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ରାଜଭାଷା ବିଭାଗ ପକ୍ଷରୁ ୨୦୨୧-୨୨ ମସିହାରେ କର୍ମଚାରୀଙ୍କ ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାର ବିଜେତାଙ୍କୁ ଉତ୍ସାହିତ କରିବା ପାଇଁ ଶୁକ୍ରବାର ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ(ଅପରେଶନ୍) କଲ୍ୟାଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ରେଳ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ରଞ୍ଜନ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଟ୍ଟନାୟକ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସରକାରୀ କାର୍ଯ୍ୟରେ ହିନ୍ଦୀ ବ୍ୟବହାର ଜାରି ରଖିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ୍ ମଣ୍ଡଳ ରାଜଭାଷା ଅଧିକାରୀ ଏଲିନା ପଣ୍ଡା ସଂଯୋଜନା କରିଥିଲେ।

### ସ୍କୁଲ ପରିସରରୁ ନାଗ ଉଦ୍ଧାର

ନିରାକାରପୁର,୧୧।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ନିରାକାରପୁର ସରକାରୀ ହାଇସ୍କୁଲ ପରିସରରୁ ଶୁକ୍ରବାର ଏକ ସାଢ଼େ ୪ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ସ୍କୁଲ ରୂପାନ୍ତରୀକରଣ ପାଇଁ ସଫେଇ କାର୍ଯ୍ୟକ୍ରମ ଜାରି ରହିଛି। ଏହି ସମୟରେ ଏକ ବନ୍ଦ କୋଠରିରେ ସାପ ଥିବା କାର୍ଯ୍ୟରେ ନିୟୋଜିତ ଶ୍ରମିକ ଦେଖିବାକୁ ପାଇଥିଲେ। ପରେ ସାପ ଧରାଳି ପହଞ୍ଚି ସାପକୁ ଧରି ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

# ଓୟୁଏଟି ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

- ମୃତ୍ୟୁ ପୂର୍ବରୁ ୧୦୦କୁ କଲ୍ କରିଥିଲେ
- ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା ସନ୍ଦେହ



ବାସନ୍ତୀ ଜେନା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପ୍ରାଣୀ ପ୍ରସୂତିବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବାସନ୍ତୀ ଜେନା(୩୭)ଙ୍କ ଗୁରୁବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ପରିବାର ଲୋକେ ଆତ୍ମହତ୍ୟା କହୁଥିବାବେଳେ ଖଣ୍ଡଗିରି ଥାନା ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହକୁ ଜବତ କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସାଦ ଦାଶ ମଧ୍ୟ ଓୟୁଏଟିର ଭେଟେରିନାରି ପାଥୋଲୋଜି ବିଭାଗରେ ପ୍ରଫେସର ଅଛନ୍ତି। ଉଭୟଙ୍କର ଏକ ୬ବର୍ଷର ପୁଅ ଥିବାବେଳେ ସପରିବାର ଓୟୁଏଟିସ୍ଥିତ କ୍ୱାର୍ଟରରେ ରୁହନ୍ତି। ଦେବୀପ୍ରସାଦଙ୍କ କହିବା ମୁତାବକ, ଗୁରୁବାର ରାତି ପ୍ରାୟ ୮ଟାବେଳେ ସେ ତାଙ୍କ ପୁଅକୁ ବାହାରକୁ ବୁଲାଇବାକୁ ନେଇଥିଲେ। ରାତି ପ୍ରାୟ ୧୧ଟାରେ ଘରକୁ ଫେରିବାବେଳକୁ କ୍ୱାର୍ଟର ଗେଟ୍ ବନ୍ଦ ଥିଲା। ସେ ଗେଟ୍ ଡେଇଁ ଭିତରକୁ ଯିବା ପରେ ସ୍ତ୍ରୀ ବାସନ୍ତୀ ଘରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କଠାରୁ ଖବର ପାଇ ପୋଲିସ ରାତି ପ୍ରାୟ ୧୨ଟାରେ ହସ୍ପିଟାଲରେ ପହଞ୍ଚିଥିଲା। ଏପଟେ ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସାଦ ମଦ୍ୟପାନ କରନ୍ତି, ଯାହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ଏଥିସହ ତାଙ୍କ ପୁଅଙ୍କ ମାନସିକ ସ୍ଥିତି ଦୁର୍ବଳ ଥିବାରୁ ସେ ଚିନ୍ତାରେ ଥିଲେ। ଏସବୁ କାରଣରୁ ବାସନ୍ତୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇପାରନ୍ତି। ହେଲେ ବାସନ୍ତୀଙ୍କ ଏପରି ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପୂରା ଘଟଣାକ୍ରମକୁ ଦେଖିଲେ ଏହି ମୃତ୍ୟୁ ପଛରେ ଅନ୍ୟକିଛି କାରଣ ଲୁଚି ରହିଥିବା ଚର୍ଚ୍ଚା ହେଉଛି। ବାସନ୍ତୀ ଆତ୍ମହତ୍ୟା ପୂର୍ବରୁ ୧୦୦କୁ କଲ୍ କରିଥିବାରୁ ଏହା ପୂରା ଘଟଣାକୁ ରହସ୍ୟ ଭିତରକୁ ଟାଣି ନେଉଛି। ମୃତ୍ୟୁ ପୂର୍ବରୁ ସେ କାହିଁକି ପୋଲିସକୁ କଲ୍ କରୁଥିଲେ? କ'ଣ ଜଣାଇବାକୁ ଚାହୁଁଥିଲେ? କିଛି ବିପଦର ସମ୍ମୁଖୀନ ହୋଇଥିଲେ କି? ଏମିତି ଅନେକ ଦିଗକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଶୁକ୍ରବାର ପୋଲିସ ବାସନ୍ତୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଦେବୀପ୍ରସାଦଙ୍କ ଘର ଜଗତ୍‌ସିଂହପୁର ଜିଲା ସଦର ଥାନା ଅଞ୍ଚଳରେ। ସେ ବାସନ୍ତୀଙ୍କ ସହ ପାଠପଢ଼ୁଥିଲେ। ଉଭୟେ ୨୦୧୨ରେ ପ୍ରେମ ବିବାହ କରିଥିଲେ।



ସମ୍ରାଟ ସେଇ କଳାର ପୂଜାରୀ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ପରିବେଷିତ ନାଟକ 'ଯୋଡ଼ା ଯାଁଳା'ର ଏକ ଦୃଶ୍ୟ।

## ବ୍ୟାଙ୍କ କାର୍ଯ୍ୟାଳୟ ଘେରିଲେ ଅଂଶୀଦାର

ଜଟଣୀ,୧୧।୨(ଡି.ଏନ୍.ଏ.)

ଜଟଣୀସ୍ଥିତ ରେଲୱେ ଅର୍ବାନ ବ୍ୟାଙ୍କ, ଖୋର୍ଦ୍ଧାରୋଡ୍ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଶତାଧିକ ବ୍ୟାଙ୍କ ଅଂଶୀଦାରମାନେ ଧାରଣା ଦେଇଥିଲେ। ପ୍ରକାଶ ଯେ, କିଛି ମାସ ପୂର୍ବେ ପୂର୍ବତଟ ରେଲୱେ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଅର୍ବାନ ବ୍ୟାଙ୍କ ଜମାରାଶି ଓ ଲାଭାଂଶରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଖବରଦାତା ସମ୍ମିଳନୀରେ କହିଥିଲେ। ଏହା ପରେ ଅର୍ବାନ ବ୍ୟାଙ୍କ, ଖୋର୍ଦ୍ଧାରୋଡ୍ ଶାଖାର ଡାଇରେକ୍ଟର ଖବରଦାତା ସମ୍ମିଳନୀରେ ଦୁର୍ନୀତିକୁ ଖଣ୍ଡନ କରିବା ସହିତ ଜମାରାଶି ଅଂଶୀଦାରଙ୍କ ଖାତାରେ ରହିଛି। ନୂଆ ପରିଷଦ ଗଠନ ପରେ ଜେନେରାଲ ବଡି ମିଟିଂର ଚବିଶ ଘଣ୍ଟାରେ ସମସ୍ତ ପ୍ରାପ୍ୟ ମିଳିଯିବ ବୋଲି କହିଥିଲେ। ଶୁକ୍ରବାର ପୂର୍ବତଟ ରେଲୱେ ଅଧୀନ ଖୋର୍ଦ୍ଧାରୋଡ୍ ଶାଖା ସମେତ ସମସ୍ତ ଶାଖା କାର୍ଯ୍ୟାଳୟରେ ଶତାଧିକ ଅଂଶୀଦାର ବ୍ୟାଙ୍କ୍ କାର୍ଯ୍ୟାଳୟରେ ପହଞ୍ଚି ଜମାରାଶି ଓ ଲାଭାଂଶ ବାବଦରେ ପାସବୁକରେ ଅପ୍‌ଡେଟ୍ ପାଇଁ ଅନୁରୋଧ କରିଥିଲେ। କେବଳ ଅଫିସ୍ ଲେଜରରେ ଜମାରାଶି ଦେଖିପାରିବେ ବୋଲି ବ୍ୟାଙ୍କ କର୍ମଚାରୀ କହିଥିଲେ। ଏନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଅଂଶୀଦାରମାନେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଏନେଇ ଅଂଶୀଦାରମାନେ ବ୍ୟାଙ୍କ ମ୍ୟାନେଜରଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବ୍ୟାଙ୍କ୍ ଅଂଶୀଦାର ପ୍ରମୋଦ ସାହାଣୀ, ସୁନୀଲ କୁମାର ଭଞ୍ଜ, ଏଲ୍.ଡି ମହାନ୍ତି, ଆଶୁତୋଷ ମହାନ୍ତି, ସୁବ୍ରତ ପଣ୍ଡା, ଭି.ଏସ.ପ୍ରସାଦ, ପ୍ରଫୁଲ୍ଲ ବେହେରାଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ ଅଂଶୀଦାର ଏହି ଧାରଣାରେ ଯୋଗଦେଇଥିଲେ।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ଦଣ୍ଡବତରେ ଯାଉଛନ୍ତି ଭକ୍ତ

ବାରଙ୍ଗ, ୧୧।୨(ଡି.ଏନ୍.ଏ.)



ସଂସାରର ମଙ୍ଗଳ କାମନା କରି ବାହାରିଛନ୍ତି ପୁରୀ। ତାହା ପୁଣି ଶରୀରକୁ କଷ୍ଟ ଦେଇ, ରାସ୍ତାରେ ଖାଲିପାଦରେ ଚାଲିବା ସହ ଦଣ୍ଡ ମାରି ମାରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଉଛନ୍ତି ୭୦ ବର୍ଷର ବୃଦ୍ଧ ରାମହଂସ ଦାସ। ରାଜସ୍ଥାନର ସବିମାଧପୁର ଜିଲା ଗଙ୍ଗାପୁରସେଠ ତହସିଲର ଖଣ୍ଡଦୀପ ଗ୍ରାମରେ ରାମହଂସଙ୍କ ଘର। ୨୯ ଏପ୍ରିଲରୁ ଘରୁ ବାହାରିବା ସହ ଏହା ମଧ୍ୟରେ ୯ମାସ ୧୪ଦିନ ବିତିଗଲାଣି। ଜଗତ କଲ୍ୟାଣ ପାଇଁ ଓ ସଂସାରରୁ ଦୁର୍ନୀତି, ଭ୍ରଷ୍ଟାଚାର ଦୂର ହେବାର ସଂକଳ୍ପ ନେଇ ଜଗା ଦର୍ଶନରେ ଆଗେଇ ଚାଲିଛନ୍ତି ରାମହଂସ। ତାଙ୍କ ସାଥିରେ ଜଣେ ଯୁବକ ମଧ୍ୟ ଚାଲି ଚାଲି ଯାଉଛନ୍ତି। ଯେଉଁଠି ରାତି ହେଉଛି ସେଠାରେ ସେ ବିଶ୍ରାମ ନେଉଛନ୍ତି। ତେବେ ଶୁକ୍ରବାର ଅପରାହ୍ନରେ ବାରଙ୍ଗସ୍ଥିତ ରାମଦାସପୁରଠାରେ ପହଞ୍ଚିବା ପରେ ଦେଖଣାହାରିଙ୍କ ଭିଡ଼ ଲାଗିରହିଥିଲା। ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ସେ ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରିଯାପନ କରିଛନ୍ତି। ମେରା ସବ୍‌କୁଛ୍ ଶ୍ରୀଜଗନ୍ନାଥ ଓ ଜଗତ୍ କଲ୍ୟାଣ ଉଦ୍ଦେଶ୍ୟରେ ବାହାରିଥିବା ରାମହଂସ କହିଛନ୍ତି।

# ଏଏସ୍‌ଓ ଚାକିରି ଦେବା ନାଁରେ ୧୫ ଲକ୍ଷ ଠକେଇ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

- ମନ୍ତ୍ରୀଙ୍କ ସହ ସମ୍ପର୍କ ଥିବା କହିଥିଲେ
- ପୂର୍ବରୁ ମଧ ଏପରି ଠକେଇ କରିଥିଲେ

ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର(ଏଏସ୍‌ଓ) ଚାକିରି ଦେବାକୁ କହି ଜଣେ ବ୍ୟକ୍ତି ୧୫ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଖଣ୍ଡଗିରି ଥାନା ଅଞ୍ଚଳର ଅଶୋକ କୁମାର ସାହୁ ଏ ନେଇ କ୍ୟାପିଟାଲ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଶୋକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ଶର୍ମିଳା ସିଂ ୨୦୧୭ରେ ଏଏସ୍‌ଓ ପରୀକ୍ଷା ଦେଇଥିଲେ। ତେବେ ସେହି ସମୟରେ ଅଶୋକଙ୍କ ଶାଶୁଙ୍କ ମାଧ୍ୟମରେ କଟକ ଫୁଲନଖରାର ଜଣେ ବ୍ୟକ୍ତିଙ୍କ ସହ ପରିଚିତ ହୋଇଥିଲେ। ଉକ୍ତ ବ୍ୟକ୍ତି ବହୁ ମନ୍ତ୍ରୀଙ୍କ ସହ ଚିହ୍ନା ପରିଚୟ ଥିବା କହି ଅଶୋକଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ୩ଲକ୍ଷ ଟଙ୍କା ଦେଲେ ଶର୍ମିଳା ଉତ୍ତୀର୍ଣ୍ଣ ହୋଇଯିବେ ବୋଲି କହିଥିଲେ। ଅଶୋକ ତାଙ୍କ କଥାକୁ ବିଶ୍ୱାସ କରି ୨୦୧୯ ମାର୍ଚ୍ଚରେ ଉକ୍ତ ବ୍ୟକ୍ତିଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ପରେ ସମ୍ପୃକ୍ତ ବ୍ୟକ୍ତି ପୁଣି କହିଥିଲେ, ଆଉ ୪ଜଣ ପରୀକ୍ଷାର୍ଥୀଙ୍କୁ ଠିକ୍ କରି ଟଙ୍କା ଦିଅନ୍ତୁ, ଏକାସଙ୍ଗେ ୫ଜଣ ଏଏସ୍‌ଓ ଚାକିରି ପାଇବେ ବୋଲି ଭରସା ଦେଇଥିଲେ। ତେଣୁ ଅଶୋକ ତାଙ୍କର ସମ୍ପର୍କୀୟ ୪ଜଣଙ୍କୁ କହି ୩ ଲକ୍ଷ ଟଙ୍କା ଲେଖାଏ ଆଣି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଇଥିଲେ। ହେଲେ ପରେ ଏଏସ୍‌ଓ ପରୀକ୍ଷା ଫଳ ବାହାରିବାବେଳେ ଉକ୍ତ ୫ଜଣଙ୍କ ନାମ ଆସି ନ ଥିଲା। ତେଣୁ ସେ ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଠକ ଜଣକ ଧରାଛୁଆଁ ଦେଇ ନ ଥିଲେ। ଫୁଲନଖରାକୁ ଯାଇ ବୁଝିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଏହିପରି ଅନେକଙ୍କଠାରୁ ଠକେଇ କରିଥିବା ଜାଣିବାକୁ ପାଇବା ପରେ ଅଶୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ କ୍ୟାପିଟାଲ ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଅଭିଯୋଗକାରୀ ଯେଉଁ ୪ଜଣଙ୍କଠାରୁ ୩ ଲକ୍ଷ ଲେଖାଏ ଟଙ୍କା ଆଣିଥିଲେ। ସେମାନଙ୍କୁ ଶନିବାର ଥାନାକୁ ଡକାଯାଇଛି। ଟଙ୍କା ନେଣଦେଣର ପ୍ରମାଣ ମିଳିବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆଗେଇବ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଭୁ ପ୍ରକାଶ



@ ଆକାଶ



@ ଦାନୁ



@ ବିକ୍ରମ



@ ସ୍ୱପ୍ନା



@ ମିଳନ

## ମଠା ଦୋକାନରେ ଚଢ଼ାଉ: ବାସି ମିଠା ନଷ୍ଟ ସହ ଜରିମାନା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ ନିକଟ କ୍ରିଷ୍ଣା ସୁଇଟ୍ସ ନାମକ ମିଠା ଦୋକନରେ ଶୁକ୍ରବାର ଚଢାଉ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲା ଖାଦ୍ୟ ସୁରକ୍ଷା ବିଭାଗର ଇନ୍ସପେକ୍ଟର ସତ୍ୟ ରଞ୍ଜନ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଦୋକାନରେ ଗ୍ରାହକଙ୍କ ପାଇଁ ରହିଥିବା ମିଠାକୁ ଯାଞ୍ଚ କରିଥିଲେ। ବାସି ବା ଖରାପ ହୋଇଥିବା ବହୁ ମିଠା ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରି ତାହାକୁ ନଷ୍ଟ କରିଥିଲେ। ଏଥିସହ ଦାକାନୀ ଜଣକ ବିନା ଟ୍ରେଡ୍ ଓ ଫୁଡ ଲାଇସେନ୍ସରେ ଖାଦ୍ୟ ସମାଗ୍ରୀ ତିଆରି ଏବଂ ବିକ୍ରି କରୁଥିବାରୁ ଖାଦ୍ୟ ସୁରକ୍ଷା ନିୟାମକ ଆନୁଯାୟୀ ମାମଲିକଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।




ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ଓ ଟଙ୍କା ଫେରସ୍ତ ଦାବିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜମାକାରୀ ଗଣ ସତ୍ୟାଗ୍ରହ ଅବସରରେ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ତହସିଲ୍ ଅଫିସ୍ ଆଗରେ ବିକ୍ଷୋଭ।



ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ମରଶରୀରକୁ ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଉଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ ଶେଷ ଦର୍ଶନ କରୁଛନ୍ତି।




ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ପରଲୋକରେ ଭୁବନେଶ୍ୱରସ୍ଥିତ ବିଜେଡି ପାର୍ଟି ଅଫିସ୍‌ରେ ଶୁକ୍ରବାର ଅନୁଷ୍ଠିତ ଶୋକସଭା।

## ସଂକ୍ଷେପରେ

### ଜେଲରେ ବ୍ରାଉନସୁଗାର ବେପାରୀଙ୍କୁ ଇଡିର ଜେରା

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଦଡ଼କୋଟି ଟଙ୍କାର ବ୍ରାଉନସୁଗାର ଜବତ ମାମଲାରେ ସମ୍ପୃକ୍ତ ବେପାରୀ ସେକ୍ ହସିମ୍ ବକ୍ସି ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି। ତେବେ ଏହି ବେଆଇନ ବ୍ୟବସାୟରେ ଟଙ୍କା କାରବାରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନିଜ ଆଡୁ ଏକ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଛି। ଏଥିପାଇଁ ଇଡିର ୨ ଜଣିଆ ଟିମ୍ ଶୁକ୍ରବାର ଜେଲରେ ପହଞ୍ଚି ହସିମ୍‌ଙ୍କୁ ଜେରା କରିଛି। ବ୍ରାଉନସୁଗର କାରବାରରେ ଉପାର୍ଜିତ ଟଙ୍କା ସେ କେଉଁଠି ନିବେଶ କରିଛନ୍ତି, ଏହି ଟଙ୍କା ସେ କେତେଜଣଙ୍କୁ ଦେଇଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ପଚାରିବା ସହ ଇଡି ତାଙ୍କଠାରୁ ତଥ୍ୟ ହାସଲ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ହସିମ୍‌ଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଝାଡ଼େଶ୍ୱରପୁର ଅଞ୍ଚଳରେ। ସେ ରାଜ୍ୟର ବିଭିନ୍ନ ଏଜେଣ୍ଟଙ୍କୁ ବ୍ରାଉନସୁଗାର ଯୋଗାଉଥିଲେ। ତେବେ ୨୦୨୦ ଅକ୍ଟୋବର ୩୧ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ହସିମ୍‌ଙ୍କୁ ବରମୁଣ୍ଡାରୁ ଗିରଫ କରିଥିଲା। ୧ କୋଟି ୭୦ ଲକ୍ଷ ଟଙ୍କାର ୧ କିଲୋ ୭୦୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା।

### ବିଏସ୍‌କେୱାଇ ହିତାଧିକାରୀଙ୍କ ମତାମତ ତର୍ଜମା କରିବ ବିଏମ୍‌ସି

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର କାର୍ଯ୍ୟକାରିତା ପରିସରକୁ ବୃଦ୍ଧି କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଏ ନେଇ ଅତିରିକ୍ତ କମିଶନରଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇ ଏକ କାର୍ଯ୍ୟାଳୟ ସ୍ତରୀୟ ଆଦେଶନାମା ଜାରି କରାଯାଇଛି। ଏଥିରେ କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ସରକାରଙ୍କ ପ୍ରକ୍ରିୟାଗତ ଢାଞ୍ଚା ଅନୁସାରେ ହିତାଧିକାରୀ ବିଭିନ୍ନ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ଚିକିତ୍ସିତ ହୋଇଥିବାର ସୂଚନା ଆସିଛି। ସେବା କିପରି ଥିଲା ତାହା ପଚାରି ମତାମତ ନେବା ପାଇଁ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମଧ୍ୟ ରହିଛି। ସେହିପରି ବିଏମ୍‌ସି ତାଲିକାରେ ବିଏସ୍‌କେୱାଇ ସହିତ ଯୋଡ଼ି ହୋଇଥିବା ସମୁଦାୟ ୩୭ଟି ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ରହିଛି। ଅଧିକାରୀଙ୍କୁ ନିୟମିତ ପରିଦର୍ଶନ କରି ତଦାରଖ ଦାୟିତ୍ୱ ମଧ୍ୟ ଦିଆଯାଇଛି।

## ଦୋଷ ଖସାଇବାକୁ ବାଟ ଖୋଜା

**ବନ ବିଭାଗ ଚୁପ୍, ବାଟବଣା ତଦନ୍ତ**

**ଆଠଗଡ଼ ହାତୀ ମୃତ୍ୟୁ**

- ପିସିସିଏଫ୍ ଅଫିସ ଘେରାଉ ପାଇଁ ଚେତାବନୀ
- ୩ ଦିନ ସମୟ ଦେଲା ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟ



ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପଶ୍ଚିମ ରେଞ୍ଜ୍ ଅନ୍ତର୍ଗତ ବାରାସିଂଘା ବିଟ୍ ଅଞ୍ଚଳରେ ଏକ ଦନ୍ତାହାତୀର ଗଳିତ ମୃତଦେହକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ମାଟିତଳୁ ଜବତ କରିଥିଲା। ହାତୀଟିର ଦାନ୍ତ କଟାଯାଇଥିବାବେଳେ ପୋତିବା ପୂର୍ବରୁ ପୋଡ଼ି ଦିଆଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ଘଟଣାକୁ ଇତିମଧ୍ୟରେ ୪ଦିନ ବିତିଯାଇଥିଲେ ମଧ୍ୟ ବନ ବିଭାଗର ନୀରବତା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ଦିନ ବନ୍ୟପ୍ରାଣୀ ପିସିସିଏଫ୍ ତଦନ୍ତ ହେବ କହି ଏବେ ଚୁପ୍ ବସିଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ଉଠାଇ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଅଫିସ ଘେରାଉ ପାଇଁ ଚେତାବନୀ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ବାଲିକିଆରି ଜଙ୍ଗଲରେ ଏକ ଛୋଟ ହାତୀକୁ ମାରି ଦାନ୍ତ କାଟିନେବା ପରେ ପୋଡ଼ାଯାଇ ପୋତି ଦିଆଗଲା। ବ୍ୟବଚ୍ଛେଦରୁ ଏହା ସ୍ପଷ୍ଟ ହୋଇସାରିଛି। ତେବେ ଏତେସବୁ କାମ ବନ କର୍ମଚାରୀଙ୍କ ବିନା ସହଯୋଗରେ କରିବା ଅସମ୍ଭବ। କାରଣ ହାତୀକୁ ପୋତିବା ପାଇଁ ଗାତ ଖୋଳିବା କାମରେ ଜେସିବି ନିଶ୍ଚୟ ବ୍ୟବହାର ହୋଇଥିବ। ଜଙ୍ଗଲରେ ଶିକାରୀମାନେ ଏ କାମ କରନ୍ତି ନାହିଁ। ଶିକାରୀମାନେ ହାତୀକୁ ମାରିବା ପରେ ଦାନ୍ତ କାଟି ଖସି ପଳାନ୍ତି। କିନ୍ତୁ ଏଠାରେ ହାତୀ ମୃତ୍ୟୁର ପ୍ରମାଣ ନଷ୍ଟ ପାଇଁ ଭରପୂର ପ୍ରଚେଷ୍ଟା କରାଯାଇଥିବା ଜଣାପଡୁଛି। ଅର୍ଥାତ୍ ସ୍ଥାନୀୟ ବନ କର୍ମଚାରୀମାନେ ନିଜର କର୍ତ୍ତବ୍ୟ ପାଳନ କରିବାରେ ଅବହେଳା କରିଥିବା ସ୍ପଷ୍ଟ ହେଉଛି। କିଏ ହାତୀକୁ ମାରିଲା, କେଉଁଠି ମାରିଲା, କିଏ କିଏ ଗାତ ଖୋଳିଲେ, ପୋଡ଼ିଲେ, କିଏ ଦାନ୍ତ କାଟିଲେ ଏସବୁ କଥା ତଦନ୍ତ ପରେ ସ୍ପଷ୍ଟ ହେବ। କିନ୍ତୁ ହାତୀକୁ ଟ୍ରାକିଂ କରିବା ତଥା ସୁରକ୍ଷା ଦେବା ଦାୟିତ୍ୱ ବନ କର୍ମଚାରୀଙ୍କ ହାତରେ ନ୍ୟସ୍ତ ଥିଲା, ଯେଉଁଥିରେ ସେମାନେ ବିଫଳ ହୋଇଛନ୍ତି। ତେଣୁ ନିରପେକ୍ଷ ତଦନ୍ତ ପାଇଁ ବିଶ୍ୱଜିତ୍ ଦାବି କରିବା ସହ ତଦନ୍ତ ପ୍ରଭାବିତ ଆଶଙ୍କା କରି ସେ ସ୍ଥାନୀୟ ଫରେଷ୍ଟ ଗାର୍ଡ, ଫରେଷ୍ଟର ଏବଂ ରେଞ୍ଜରଙ୍କୁ ତୁରନ୍ତ ନିଲମ୍ବନ କରି ସେଠାରୁ ଅନ୍ୟତ୍ର ବଦଳି କରାଯିବା ଆବଶ୍ୟକ ବୋଲି କହିଛନ୍ତି। ତାଙ୍କ ମତରେ, ଏମାନେ ସେଠାରେ ପଦବୀରେ ରହିଲେ, ସେମାନଙ୍କ ଅଧୀନରେ ଥିବା ଅସ୍ଥାୟୀ କର୍ମଚାରୀମାନେ କେବେହେଲେ ସତ କଥା କହିବାକୁ ସାହସ କରିବେ ନାହିଁ। ହେଲେ ବନ୍ୟ ପ୍ରାଣୀ ପିସିସିଏଫ୍ ତାହା ନ କରି ଦୋଷ ଖସାଇବାକୁ ତଦନ୍ତକୁ ବାଟବଣା କରିବାକୁ ସୁଯୋଗ ଦେଉଛନ୍ତି। ଏପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଏସ୍‌ଟିଏଫ୍ ମଧ୍ୟ ତା'ର ଆଭିମୁଖ୍ୟ ଏଯାବତ ସ୍ପଷ୍ଟ କରୁ ନ ଥିବାରୁ ନିଶ୍ଚିତ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସେ ସନ୍ଦେହ କରୁଛନ୍ତି।

ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏସ୍‌ଟିଏଫ୍ ତୁରନ୍ତ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁସାରେ ମାମଲା ରୁଜୁ କରି ବାରାସିଂଘା ବିଟ୍‌ର ସମସ୍ତ ୱାଚର, ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ନରସିଂହପୁର ପଶ୍ଚିମ ରେଞ୍ଜରଙ୍କୁ ଗିରଫ କରି ପ୍ରମାଣ ନଷ୍ଟ କରିବା ଉଦ୍ୟମ ନିମନ୍ତେ ଆଇପିସିର ସମୁଚିତ ଧାରା ଲଗାଇ କୋର୍ଟ ଫରୱାର୍ଡ କରିବା ଉଚିତ। ସେଥିରେ ବନ୍ୟପ୍ରାଣୀ ଆଇନର ଧାରା ୫୭ ମଧ୍ୟ ଯୋଡ଼ିବା ଉଚିତ ବୋଲି ସେ କହିଛନ୍ତି। ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟର ପୂରବୀ ପାତ୍ର କହିଛନ୍ତି, ଆମେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଆଉ ୩ ଦିନ ସମୟ ଦେଉଛୁ। ଯଦି ସେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ନେଲେ, ଆସନ୍ତା ୧୫ତାରିଖରେ ତାଙ୍କ ଅଫିସ ଫାଟକ ବନ୍ଦ କରିବା ସହ ଧାରଣା ଦେବୁ।



ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଗାଡ଼କଣଠାରେ ଥିବା ଏକ ବେଆଇନ ଘରକୁ ବିଡିଏ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଉଛି।

## ଲତା, ଦାମୋଦରଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଭାରତ ରତ୍ନ କୋକିଳକଣ୍ଠୀ ଲତାଜୀ ଓ ସଙ୍ଗୀତଜ୍ଞ ଡ.ଦାମୋଦର ହୋତାଙ୍କ ସ୍ମୃତିରେ ଆସନ୍ତା ୧୩ ତାରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ସିନେ କ୍ରିଟିକ୍ ଆସୋସିଏଶନ୍, ସଂସ୍କୃତି ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏହି କାର୍ଯ୍ୟକ୍ରମରେ ଲୋଭା ବିଶ୍ୱାଳ, ଛନ୍ଦା ମିଶ୍ର, ଆଦ୍ୟାଶା ଦାଶ, ସୀମା ମହାନ୍ତି, ପ୍ରତିଭା ପ୍ରଧାନ, ଅଚ୍ୟୁତ ମିଶ୍ର, କୈଳାସ ମଲ୍ଲିକ, ଅରୋଶିଷ ପାଣି ଓ ଅର୍ଣ୍ଣବ ପଣ୍ଡା ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବା ନେଇ ଆସୋସିଏଶନ୍‌ର ସମ୍ପାଦକ ଦିଲୀପ ହାଲି କହିଛନ୍ତି।

## ରାତି ୧୦ଟାରେ ଉଠିବ ମହାଦୀପ

**ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା**

ପୁରୁଣା ଭୁବନେଶ୍ୱର, ୧୧।୨(ଡି.ଏନ୍.ଏ.)

କୋଭିଡ୍ କଟକଣାରେ ଆସନ୍ତା ୧ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଳନ ହେବ। ରାତି ୧୦ଟାରେ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିବ। ଶୁକ୍ରବାର ଅପରାହ୍ଣରେ ସର୍କିଟ ହାଉସ ପରିସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଶ୍ରଦ୍ଧାଳୁମାନେ ମନ୍ଦିର ଗର୍ଭଗୃହ ନିକଟରେ ଥିବା ଆଡ଼କାଠ ଠାରେ ରହି ଦର୍ଶନ କରିପାରିବେ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ ନୀତି ଓ ପୂଜାର୍ଚ୍ଚନା ହେବ। ଏଥିସହ ବୈଠକରେ ସେବାୟତଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଠାକୁରଙ୍କ ରୁପାର ପ୍ରଭା ପରିବର୍ତ୍ତନ, ଦୋକାନୀଙ୍କ ଠାରୁ ଅଧିକ ଭଡ଼ା ଆଦାୟ ଭଳି ବହୁ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବଡୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡୁ, ପୂଜାପଣ୍ଡା ନିଯୋଗର ସଭାପତି ଅଗାଧୁ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗର ସମ୍ପାଦକ ବୀରଞ୍ଚି ନାରାୟଣ ପତି, ସମର୍ଥା ନିଯୋଗର ମିଟୁ ସମର୍ଥାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



## ବିଭିନ୍ନ ଛକରୁ ହୋର୍ଡିଂ, ବ୍ୟାନର ହଟିଲା

ବାଲିଅନ୍ତା,୧୧।୨(ଡି.ଏନ୍.ଏ.)

ବାଲିଅନ୍ତା ବଜାର, ସାଇଫନ ଛକ, ସେତୁ ଛକ ଓ ବଇଁଚୁଆ ହାଟ ଛକରେ ଲାଗିଥିବା ନିର୍ବାଚନୀ ସମ୍ବନ୍ଧୀୟ ବ୍ୟାନର ଓ ହୋର୍ଡିଂକୁ ଶୁକ୍ରବାର ହଟାଇ ଦିଆଯାଇଛି। ବାଲିଅନ୍ତା ତହସିଲ ଓ ବାଲିଅନ୍ତା ଥାନା ପକ୍ଷରୁ ଗଠିତ ଏକ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସରକାରୀ ସ୍ଥାନରେ ଲାଗିଥିବା ଏହି ହୋର୍ଡିଂଗୁଡ଼ିକୁ ବାହାର କରାଯାଇଥିଲା। ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ଓ ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ନେତୃତ୍ୱରେ ଏହି ବ୍ୟାନର ଓ ହୋର୍ଡିଂ ହଟାଇବା କାର୍ଯ୍ୟ ଚାଲିଥିଲା। ଏଥିରେ ବାଲିଅନ୍ତା ରାଜସ୍ୱ ଅଧିକାରୀ ଦେବରାଜ ବିଶ୍ୱାଳ, ଦୁଃଖିରାମ ସ୍ୱାଇଁ, ସୌମ୍ୟରଞ୍ଜନ ପାଇକରାୟ, ଶାରଦା ପ୍ରସନ୍ନ ପତିଙ୍କ ସମେତ ପୋଲିସ ଫୋର୍ସ ସାମିଲ ହୋଇଥିଲେ।

## ପୋଲିସର ପକ୍ଷପାତିତା ନେଇ ନିର୍ବାଚନ କମିଶନଙ୍କୁ ଅଭିଯୋଗ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ସୁନ୍ଦରଗଡ଼ ଜିଲାର ହେମଗିର ପୋଲିସ ଶାସକ ଦଳ ପ୍ରରୋଚନାରେ ଆସି ସିପିଆଇ ପ୍ରାର୍ଥୀଙ୍କ ନାମରେ ମାମଲା ରୁଜୁ କରିବା ସହ ନିର୍ବାଚନ ପ୍ରଚାର ଉପରେ ରୋକ ଲଗାଇଥିବା ନେଇ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସିପିଆଇ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ ରମେଶ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସୁନ୍ଦରଗଡ଼ ଜିଲାର ହେମଗିର ପୋଲିସ ବିଜେଡି କହିବା ଅନୁସାରେ ୨୭ ନମ୍ବର ଜୋନର ସିପିଆଇ ପ୍ରାର୍ଥୀ ନରେଶ ମେହେରଙ୍କୁ ନିର୍ବାଚନ ପ୍ରଚାର କରିବାକୁ ଦିଆଯାଉ ନାହିଁ। ସେହିପରି ବର୍ତ୍ତମାନର ଜିଲା ପରିଷଦ ସଭ୍ୟା ତଥା ଗୋପାଳପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ପୂରବୀ ନାଏକ ଓ ମୁଢ଼େର ଖେତ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ବୀରେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସିପିଆଇ କର୍ମୀଙ୍କ ଉପରେ ଦଫା ୧୦୭ ଅନୁଯାୟୀ ପୋଲିସ ମାମଲା ରୁଜୁ କରି ସେମାନଙ୍କ ନିର୍ବାଚନ ପ୍ରଚାର ଉପରେ ରୋକ୍ ଲଗାଇଛି। ତେଣୁ ରାଜ୍ୟ ନିର୍ବାଚନ କମିଶନର ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ପୋଲିସଙ୍କୁ ତାଗିଦ କରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି।

## ୧୩ରେ 'କରୋନା ଓ ଟିକାକରଣ' ଆଲୋଚନାଚକ୍ର

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ 'କରୋନା ଓ ଟିକାକରଣ'କୁ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସରେ ଆସନ୍ତା ୧୩ ତାରିଖରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଉଦ୍ୟମକ୍ରମେ ଭାରତ ନବନିର୍ମାଣ ଅଭିଯାନ ଓ ଆୱେକେନ ଇଣ୍ଡିଆ ମୁଭମେଣ୍ଟର ମିଳିତ ସହଯୋଗରେ ଏହା ଆୟୋଜିତ ହେଉଛି। ମୁଖ୍ୟ ଅତିଥି ଭାବେ ମୁମ୍ବାଇ ହାଇକୋର୍ଟ ଓ ସୁପ୍ରିମକୋର୍ଟର ଆଇନଜୀବୀ ନିଲେଶ ଓଝା, ମୁଖ୍ୟବକ୍ତା ଏମ୍ସର ଡ. ସଞ୍ଜୟ ରାୟ ଓ ସମ୍ମାନିତ ବକ୍ତା ଭାବେ ଡ. ବିଶ୍ୱରୂପ ରାୟଚୌଧୁରୀ, ସମ୍ମାନିତ ଅତିଥି ରୂପେ 'ବ୍ୟାଙ୍କୋକା ମାୟାଜାଲ' ପୁସ୍ତକର ଲେଖକ ରବି କୋହଡ଼ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଓଡ଼ିଶାରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

## 'ମାଟି ମୂର୍ତ୍ତି ମିହିରଙ୍କ ସ୍ମୃତିକୁ ସର୍ବଦା ସତେଜ ରଖିବ'

**ମାଟିର ମଣିଷ ମିହିର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

କଟକ ଅଫିସ,୧୧।୨

ଲୋକପ୍ରିୟ ଅଭିନେତା ମିହିର ଦାସଙ୍କ ୬୩ତମ ଜୟନ୍ତୀ ଅବସରରେ କଟକର ମୂର୍ତ୍ତି କାରିଗରମାନଙ୍କ ପକ୍ଷରୁ ଶୁକ୍ରବାର ନିଆରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ କଟକ ଶିଳ୍ପୀ କୁମ୍ଭାରସାହିରେ ମିହିର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହାକୁ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ଅଭିନେତା କୁନା ତ୍ରିପାଠୀ ଉନ୍ମୋଚନ କରି କହିଥିଲେ, ଦିନେ ଅଭିନୟରେ ମାଟି କାରିଗର ଚରିତ୍ର ନିଭାଇ ଥିବା ମଣିଷଟି ଆଜି ମାଟିରେ ମିଶି ଯାଇଛି ସତ, ହେଲେ ତାଙ୍କ କଳା ଆଜି ତାଙ୍କୁ ଜୀବିତ କରି ରଖିଛି। ଏହି ପ୍ରତିମୂର୍ତ୍ତି ସହ ଚଳଚ୍ଚିତ୍ର ଜଗତର ବରିଷ୍ଠ କଳାକାରମାନଙ୍କର ଏଭଳି ପ୍ରତିମୂର୍ତ୍ତି ତିଆରି କରି କଳିଙ୍ଗ ଷ୍ଟୁଡିଓରେ ରଖିବା ପାଇଁ ଆଲୋଚନା ଚାଲିଛି ବୋଲି ସେ କହିଛନ୍ତି। ଏଥିରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ କହିଥିଲେ, ମିହିର ଦାସ ଜଣେ ଏଭଳି ପ୍ରତିଭା ଯିଏ କି ସିନେମା ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଏହି ମୂର୍ତ୍ତି କଟକ ତଥା ସିନେମା ଜଗତ ପାଇଁ ଏକ ବଡ଼ ଅବଦାନ ବୋଲି ସେ କହିଥିଲେ। ସେହିପରି ଅଭିନେତା ଶ୍ରୀତମ ଦାସ କହିଥିଲେ, ଏହି ମାଟି ମୂର୍ତ୍ତି ମିହିରଙ୍କ ସ୍ମୃତିକୁ ସର୍ବଦା ସତେଜ ରଖିବ। ଏହି କାର୍ଯ୍ୟକ୍ରମରେ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, କଟକ ଡିସିପି ପ୍ରତୀକ୍ ସିଂ, ବିଧାୟକ ମହମ୍ମଦ ମୋକିମ, ଦେବେନ୍ଦ୍ର ସାହୁ, ଅମ୍ଳାନ ଦାସ, ଶିଳ୍ପୀ ଲକ୍ଷ୍ମୀଧର ମୁଦୁଲି ଓ ଦେବେନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତଥିଲେ। ସୂଚନାଯୋଗ୍ୟ, ୭ ଫୁଟ୍‌ର ଏହି ମୂର୍ତ୍ତି ନିର୍ମାଣ ପାଇଁ ୧୫ ଜଣ କାରିଗର ନିୟୋଜିତ ହୋଇଥିଲେ। ମାଟିରେ ତିଆରି ହୋଇଥିବା ମୂର୍ତ୍ତିଟି ଜୀବନ୍ତ ପରି ଦୃଶ୍ୟମାନ ହେଉଛି।

> ୨୦୧୨ରେ ମିହିର ଦାସଙ୍କ ମାଟିର ବନ୍ଧନ ସିନେମା ପ୍ରସ୍ତୁତ କରାଯାଇଥିଲା। ସେଥିରେ ସେ ଏକ ମାଟି କାରିଗରର ଭୂମିକା ନିଭାଇଥିଲେ। ହେଲେ ଏପର୍ଯ୍ୟନ୍ତ ଉକ୍ତ ଚଳଚ୍ଚିତ୍ରଟି ରିଲିଜ୍ ହୋଇପାରିନାହିଁ। ଉକ୍ତ ଚଳଚ୍ଚିତ୍ରରେ କୁମ୍ଭାରସାହିର କେତେଜଣ କୁମ୍ଭକାର ଅଭିନୟ କରିଥିଲେ। ସେବେଠାରୁ ମିହିରଙ୍କର ଶିଳ୍ପୀ କୁମ୍ଭାର ସାହି ସହ ସମ୍ପର୍କ ଗଢିଉଠିଥିଲା। ସେହି ଉଦ୍ଦେଶ୍ୟର ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏପରି ପ୍ରସ୍ତୁତି କରାଯାଇଛି।
>
> **-କେଦାର ବେହେରା, ଶିଳ୍ପୀ**

> ମାଟିରେ ବିଭିନ୍ନ କଳାକୃତି କରି ବିକିବା ପରେ ପରିବାର ପ୍ରତିପୋଷଣ କରିଥାଉ। ତେବେ ମିହିର ଦାସଙ୍କ ଦ୍ୱାରା ଅଭିନିତ ଚଳଚ୍ଚିତ୍ରଟି କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସେ ଏବେ ଆମ ଗହଣରେ ନାହାଁନ୍ତି। ସେଥିପାଇଁ ଏପରି ଏକ ନିଆରା ପ୍ରୟାସ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଆମେ ଚାହୁଁଛୁ।
>
> **-କୈଳାସ ଚନ୍ଦ୍ର ରଣା, ଶିଳ୍ପୀ**

## ସୁରକ୍ଷା ପାଚେରି ଭାଙ୍ଗି ପଶିଲା ଜଙ୍ଗଲୀ ହାତୀ



ବାରଙ୍ଗ,୧୧।୨(ଡି.ଏନ୍.ଏ.)

ନନ୍ଦନକାନନରେ ପୁଣି ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶିଛନ୍ତି ଚନ୍ଦକା ଜଙ୍ଗଲର ଦୁଇଟି ହାତୀ। ଗୁରୁବାର ବିଳମ୍ବିତ ରାତିରେ ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶି ଆସିଥିବାର ଜଣାପଡ଼ିଛି। ପରିସରରେ ପଶି ଏଣେତେଣେ ବୁଲି ବୋଟ୍ ଘାଟ ପାଖ ପମ୍ପଘର ପଛପଟେ ଲାଗିଥିବା କଦଳୀ ଗଛଗୁଡିକୁ ଭାଙ୍ଗି ଖାଇଦେଇଛନ୍ତି ଏହି ଦୁଇ ହାତୀ। ଏହାସହ ଶିଶୁ ରେଳଗାଡ଼ି ରେଳଧାରଣା ଉପରେ ଚାଲି ଚାଲି ବାଘ ସଫାରି ଦେଇ ହମିରାଟାଙ୍ଗୀ ଜଙ୍ଗଲ ଭିତରେ ପଶିରହିଛନ୍ତି। ସିକ୍ୟୁରିଟି ବିଭାଗର ଜଗୁଆଳମାନେ ରାତିରେ ନନ୍ଦନକାନନ ଭିତରେ ଜଗୁଥିଲେ ମଧ୍ୟ ହାତୀ ବିଷୟରେ ଜାଣିପାରିନାହାନ୍ତି। ଶୁକ୍ରବାର ସକାଳେ କଦଳୀ ଗଛଗୁଡିକ ଭାଙ୍ଗିଥିବାର ଜାଣି ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ ପରେ ଜଙ୍ଗଲୀ ହାତୀ ପଶିଥିବାର ଜାଣିବାକୁ ପାଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଖବର ପାଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଏକ ଟିମ୍ ନନ୍ଦନକାନନ ଟିମ୍ ସହ ମିଶି ହାତୀଦ୍ୱୟକୁ ଘଉଡାଇବା ପାଇଁ ଦିନସାରା ଚେଷ୍ଟା କରିଥିଲେ ମଧ୍ୟ ସେମାନେ ହମିରାଟାଙ୍ଗୀ ଜଙ୍ଗଲ ଭିତରୁ ପଦାକୁ ବାହାରି ନ ଥିଲେ। ପୁଣି ରାତିରେ ହାତୀ ଘଉଡ଼ାଇବା ଅଭିଯାନ ଆରମ୍ଭ ହେବ ବୋଲି ସୂଚନା ମିଳିଛି।



ଭୁବନେଶ୍ୱରର ବ୍ରହ୍ମେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ 'ବ୍ରହ୍ମେଶ୍ୱର କପ୍'ର ଶୁକ୍ରବାର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଆଇଆର୍‌ସି (ନୟାପଲ୍ଲୀ) ଓ ରକ୍ ଷ୍ଟାର୍ (କଟକ)ଟିମ୍‌ର ଖେଳାଳିମାନେ।



କଟକ ଶିଳ୍ପୀ କୁମ୍ଭାରସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଭିନେତା ମିହିର ଦାସଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅଭିନେତା କୁନା ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।



ଏକାତ୍ମ ମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୪ତମ ବଳିଦାନ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ପୋଚ, ମଦ ଜବତ



**ବେଗୁନିଆ,୧୧।୨(ଡି.ଏନ୍.ଏ.):** ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବେଗୁନିଆ ଥାନା ଅନ୍ତର୍ଗତ କୁଳାସର, କାନପୁର ଓ ଏକଡ଼ାଳିଆ ଅଞ୍ଚଳରେ ଥିବା ରନ୍ଧା ମଦଭାଟିରେ ଚଢ଼ାଉ କରାଯାଇଥିଲା। ୬ହଜାର ୮୦୦ ଲିଟର ପୋଚ, ୫୭୦ ଲିଟର ଦେଶୀ ମଦ, ମଦରେ ଅପମିଶ୍ରଣ କରାଯାଉଥିବା ୧୦ କେଜି ୟୁରିଆ ସାର ଜବତ ହୋଇଛି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ପୂର୍ବରୁ ସୂଚନା ପାଇ ରନ୍ଧାଳି ଓ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କେତେଜଣ ବିଭାଗୀୟ ଅସାଧୁ କର୍ମଚାରୀଙ୍କ ପକ୍ଷରୁ ଚଢ଼ାଉ ପୂର୍ବରୁ ମାଫିଆଙ୍କୁ ସୂଚନା ଦିଆଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଚଢ଼ାଉରେ ବେଗୁନିଆ ଅତିରିକ୍ତ ତହସିଲଦାର ସନତ୍ ଆଚାର୍ଯ୍ୟ, ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ମୋବାଇଲ ଇନ୍ସପେକ୍ଟର ସସ୍ମିତା ହୋତା, ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ଏପିଆର ଫୋର୍ସ ଓ ସମସ୍ତ ଅଧିକାରୀ ସାମିଲ ହୋଇଥିଲେ।

### ବିଭିନ୍ନ ଛକରୁ ହୋର୍ଡିଂ, ବ୍ୟାନର ହଟିଲା

**ବାଲିଅନ୍ତା,୧୧।୨(ଡି.ଏନ୍.ଏ.):** ବାଲିଅନ୍ତା ବଜାର, ସାଇଫନ ଛକ, ସେତୁ ଛକ ଓ ବଇଁଚୁଆ ହାଟ ଛକରେ ଲାଗିଥିବା ନିର୍ବାଚନୀ ସମ୍ବନ୍ଧୀୟ ବ୍ୟାନର ଓ ହୋର୍ଡିଂକୁ ଶୁକ୍ରବାର ହଟାଇ ଦିଆଯାଇଛି। ବାଲିଅନ୍ତା ତହସିଲ ଓ ବାଲିଅନ୍ତା ଥାନା ପକ୍ଷରୁ ଗଠିତ ଏକ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସରକାରୀ ସ୍ଥାନରେ ଲାଗିଥିବା ଏହି ହୋର୍ଡିଂଗୁଡ଼ିକୁ ବାହାର କରାଯାଇଥିଲା। ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ଓ ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ନେତୃତ୍ୱରେ ଏହି ବ୍ୟାନର ଓ ହୋର୍ଡିଂ ହଟାଇବା କାର୍ଯ୍ୟ ଚାଲିଥିଲା। ଏଥିରେ ବାଲିଅନ୍ତା ରାଜସ୍ୱ ଅଧିକାରୀ ଦେବରାଜ ବିଶ୍ୱାଳ, ଦୁଃଖିରାମ ସ୍ୱାଇଁ, ସୌମ୍ୟରଞ୍ଜନ ପାଇକରାୟ, ଶାରଦା ପ୍ରସନ୍ନ ପତିଙ୍କ ସମେତ ପୋଲିସ ଫୋର୍ସ ସାମିଲ ହୋଇଥିଲେ।

### ରେଳ ମଣ୍ଡଳ ରାଜଭାଷା ବିଭାଗ ପକ୍ଷରୁ ପୁରସ୍କାର ବିତରଣ



**ଜଟଣୀ,୧୧।୨(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ରାଜଭାଷା ବିଭାଗ ପକ୍ଷରୁ ୨୦୨୧-୨୨ ମସିହାରେ କର୍ମଚାରୀଙ୍କ ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାର ବିଜେତାଙ୍କୁ ଉତ୍ସାହିତ କରିବା ପାଇଁ ଶୁକ୍ରବାର ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ(ଅପରେଶନ୍) କଲ୍ୟାଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ରେଳ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ରଞ୍ଜନ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଟ୍ଟନାୟକ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସରକାରୀ କାର୍ଯ୍ୟରେ ହିନ୍ଦୀ ବ୍ୟବହାର ଜାରି ରଖିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ୍ ମଣ୍ଡଳ ରାଜଭାଷା ଅଧିକାରୀ ଏଲିନା ପଣ୍ଡା ସଂଯୋଜନା କରିଥିଲେ।

# ଭାଜପା କନ୍ଦଳରୁ ବିଜେଡିକୁ ମିଳିପାରେ ଫାଇଦା

**ବେଗୁନିଆ ନିର୍ବାଚନ ମଣ୍ଡଳୀ**
- କର୍ମୀଙ୍କୁ ଖୋଜୁଛି କଂଗ୍ରେସ
- ଭାଜପା ନେତା ଋଷଭ ନନ୍ଦଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

**ଖୋର୍ଦ୍ଧା ଅଫିସ,୧୧।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ରହିଛି। ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ପ୍ରତି ଗାଁ, ୱାର୍ଡରେ ବସୁଛି ଘନ ଘନ ବୈଠକ। ଗାଁ ୱାର୍ଡର ସମସ୍ୟା ବୁଝୁଛନ୍ତି। ସମାଧାନ ପାଇଁ ଭୋଟରଙ୍କୁ ନୂଆ ସମ୍ଭାବନା ଓ ପ୍ରତିଶ୍ରୁତି ଦେଇ ମନାଇବାକୁ କରୁଛନ୍ତି ଉଦ୍ୟମ। ଖୋର୍ଦ୍ଧା ଜିଲାରେ ୩୦ ଜିଲା ପରିଷଦ ପଦ ପାଇଁ ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି। ଏହାରି ମଧ୍ୟରେ ଜିଲାର ବେଗୁନିଆ ନିର୍ବାଚନ ମଣ୍ଡଳୀ ଗୁରୁତ୍ୱପୂର୍ଣ୍ଣ। ୨୦୧୭ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ଟି ଜୋନ୍‌ରୁ ଉଭୟ ବିଜେଡି ଓ ଭାଜପା ୩ଟି ଲେଖାଏ ଆସନରେ ବିଜୟୀ ହୋଇଥିଲେ। ଚଳିତଥର ଉଭୟ ଦଳ ସମସ୍ତ ଆସନରେ ବିଜୟ ଆଶା କରିଛନ୍ତି। ଅନ୍ୟପଟେ କଂଗ୍ରେସର ଦୁର୍ଗ କୁହାଯାଉଥିବା ଏହି ନିର୍ବାଚନ ମଣ୍ଡଳୀରେ ନେତୃତ୍ୱଶୂନ୍ୟ ହୋଇପଡ଼ିଛି କଂଗ୍ରେସ। ଏଠାରୁ କଂଗ୍ରେସ ନେତା ପୃଥୀବଲ୍ଲଭ ପଟ୍ଟନାୟକ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ମଙ୍ଗ ଧରିଛନ୍ତି।

ବିଜେଡିର ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା କଂଗ୍ରେସ ନେତା ପ୍ରଦୀପ ସାହୁ ଚଳିତ ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗଦେଇ ଦଳର ଶକ୍ତି ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ଜନକଲ୍ୟାଣକାରୀ ଯୋଜନା ଓ ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଯୋଗୁ ନିର୍ବାଚନରେ ବିଜୟୀ ହେବେ ବୋଲି ପ୍ରାର୍ଥୀମାନେ ଆଶା ରଖିଛନ୍ତି। ଭାଜପାରେ ରହିଥିବା ଅନ୍ତଃକନ୍ଦଳରୁ ବିଜେଡି ସମସ୍ତ ଆସନ ଜିତିବା ଆଶାରେ ରହିଛି। ବିଜେଡି ପକ୍ଷରୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପ୍ରଦୀପ ସାହୁ ମଙ୍ଗ ଧରିଛନ୍ତି। ଅନ୍ୟପକ୍ଷରେ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଋଷଭ ନନ୍ଦଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ସେ ଦଳରୁ ଇସ୍ତଫା ଦେଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଭାଜପା ରାଜ୍ୟ ମିଡିଆ ସେଲ୍ ସଂଯୋଜକ କିମ୍ବା ଦଳୀୟ ଉଚ୍ଚପଦସ୍ଥ କର୍ମୀ ଏ ସମ୍ପର୍କରେ ଖବର ନ ଥିବା କହି ପ୍ରସଙ୍ଗକୁ ଏଡ଼ାଇ ଦେଉଛନ୍ତି। ବିଜେଡିର ଗୋଷ୍ଠୀକନ୍ଦଳକୁ ଅସ୍ତ୍ର କରିଛି ଭାଜପା। ବିଜେଡିର ଅସନ୍ତୁଷ୍ଟ ନେତାଙ୍କୁ ନିଜ କ୍ୟାମ୍ପକୁ ଆଣିବା ପାଇଁ ଅପରାଜିତା ରଣନୀତି ପ୍ରସ୍ତୁତ କରିଛନ୍ତି। ୨୦୧୭ ନିର୍ବାଚନରେ ବେଗୁନିଆ ବ୍ଲକର ୨୨, ୨୩ ଓ ବୋଲଗଡ଼ ବ୍ଲକର ୨୭ ନମ୍ବର ଜୋନ୍‌ରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୨୪, ୨୫ ଓ ୨୬ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେବେ ଦଳରେ ବଢ଼ିଚାଲିଥିବା ଅସନ୍ତୋଷ ଚଳିତ ନିର୍ବାଚନରେ ପ୍ରତିଫଳନ ହେବ ବୋଲି ରାଜନୀତି ସମୀକ୍ଷକମାନେ କହିଛନ୍ତି।



ସମ୍ରାଟ ସେଇ କଳାର ପୂଜାରୀ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ପରିବେଷିତ ନାଟକ 'ଯୋଡ଼ା ଯାଁଳା'ର ଏକ ଦୃଶ୍ୟ।

## ସ୍କୁଲ ପରିସରରୁ ନାଗ ଉଦ୍ଧାର

**ନିରାକାରପୁର,୧୧।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ନିରାକାରପୁର ସରକାରୀ ହାଇସ୍କୁଲ ପରିସରରୁ ଶୁକ୍ରବାର ଏକ ସାଢ଼େ ୪ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ସ୍କୁଲ ରୂପାନ୍ତରୀକରଣ ପାଇଁ ସଫେଇ କାର୍ଯ୍ୟକ୍ରମ ଜାରି ରହିଛି। ଏହି ସମୟରେ ଏକ ବନ୍ଦ କୋଠରିରେ ସାପ ଥିବା କାର୍ଯ୍ୟରେ ନିୟୋଜିତ ଶ୍ରମିକ ଦେଖିବାକୁ ପାଇଥିଲେ। ପରେ ସାପ ଧରାଳି ପହଞ୍ଚି ସାପକୁ ଧରି ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

## ଅଷ୍ଟପ୍ରହର ନାମଯଜ୍ଞରେ କଳାକାର ସମ୍ବର୍ଦ୍ଧିତ

**ଖୋର୍ଦ୍ଧା ଅଫିସ,୧୧।୨**

ଖୋର୍ଦ୍ଧା ଉପକଣ୍ଠ ଜେମାଦେଈ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଜୟୀ ରାଜଗୁରୁ ସ୍ମୃତି କମିଟି ଜେମାଦେଈ ପକ୍ଷରୁ ପ୍ରତ୍ୟେକ ସଂକୀର୍ତ୍ତନ ମଣ୍ଡଳୀରୁ ଜଣେ ଶ୍ରେଷ୍ଠ ଗାୟକ ଓ ବାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବେଗୁନିଆରୁ ସୁଦୀପ୍ତ ପଣ୍ଡା ଓ ରମାକାନ୍ତ ଗୁମାନ୍‌ସିଂହ, ବାଙ୍କୀରୁ ସୁଦୀପ୍ତ ବେହେରା, ନବକିଶୋର ବେହେରା, ଗୁରୁଜଙ୍ଗରୁ ବେଣୁଧର ସାହୁ ଓ ପ୍ରଫୁଲ୍ଲ ବେହେରା, ଜେମାଦେଈରୁ ରବୀନ୍ଦ୍ର ପ୍ରଧାନ ଓ ନିରଞ୍ଜନ ମହାପାତ୍ର। କୁମାରବସ୍ତାରୁ ଗୋଲକ ବଡ଼ଜେନା, ମୁକୁନ୍ଦପ୍ରସାଦ ଦଳରୁ ନବକିଶୋର ପ୍ରଧାନ ଓ ବିଜୟ ସୁନ୍ଦରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଦାଧର ରଥ, ଅମିୟ ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ, ଚନ୍ଦନ ପାତ୍ର, କାର୍ତ୍ତିକ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ଦଣ୍ଡବତରେ ଯାଉଛନ୍ତି ଭକ୍ତ

**ବାରଙ୍ଗ, ୧୧।୨(ଡି.ଏନ୍.ଏ.)**

ସଂସାରର ମଙ୍ଗଳ କାମନା କରି ବାହାରିଛନ୍ତି ପୁରୀ। ତାହା ପୁଣି ଶରୀରକୁ କଷ୍ଟ ଦେଇ, ରାସ୍ତାରେ ଖାଲିପାଦରେ ଚାଲିବା ସହ ଦଣ୍ଡ ମାରି ମାରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଉଛନ୍ତି ୭୦ ବର୍ଷର ବୃଦ୍ଧ ରାମହଂସ ଦାସ। ରାଜସ୍ଥାନର ସବିମାଧପୁର ଜିଲା ଗଙ୍ଗାପୁରସେଠ ତହସିଲର ଖଣ୍ଡଦୀପ ଗ୍ରାମରେ ରାମହଂସଙ୍କ ଘର। ୨୯ ଏପ୍ରିଲରୁ ଘରୁ ବାହାରିବା ସହ ଏହା ମଧ୍ୟରେ ୯ମାସ ୧୪ଦିନ ବିତିଗଲାଣି। ଜଗତ କଲ୍ୟାଣ ପାଇଁ ଓ ସଂସାରରୁ ଦୁର୍ନୀତି, ଭ୍ରଷ୍ଟାଚାର ଦୂର ହେବାର ସଂକଳ୍ପ ନେଇ ଜଗା ଦର୍ଶନରେ ଆଗେଇ ଚାଲିଛନ୍ତି ରାମହଂସ। ତାଙ୍କ ସାଥିରେ ଜଣେ ଯୁବକ ମଧ ଚାଲି ଚାଲି ଯାଉଛନ୍ତି। ଯେଉଁଠି ରାତି ହେଉଛି ସେଠାରେ ସେ ବିଶ୍ରାମ ନେଉଛନ୍ତି। ତେବେ ଶୁକ୍ରବାର ଅପରାହ୍ଣରେ ବାରଙ୍ଗସ୍ଥିତ ରାମଦାସପୁରଠାରେ ପହଞ୍ଚିବା ପରେ ଦେଖଣାହାରିଙ୍କ ଭିଡ଼ ଲାଗିରହିଥିଲା। ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ସେ ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରିଯାପନ କରିଛନ୍ତି। ମେରା ସବ୍‌କୁଛ୍ ଶ୍ରୀଜଗନ୍ନାଥ ଓ ଜଗତ୍ କଲ୍ୟାଣ ଉଦ୍ଦେଶ୍ୟରେ ବାହାରିଥିବା ରାମହଂସ କହିଛନ୍ତି।



# ଓୟୁଏଟି ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସନ୍ଦେହଜନକ ମୃତ୍ୟୁ

- ମୃତ୍ୟୁ ପୂର୍ବରୁ ୧୦୦କୁ କଲ୍ କରିଥିଲେ
- ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା ସନ୍ଦେହ

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପ୍ରାଣୀ ପ୍ରସୂତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବାସନ୍ତୀ ଜେନା(୩୭)ଙ୍କ ଗୁରୁବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ପରିବାର ଲୋକେ ଆତ୍ମହତ୍ୟା ବୋଲି କହୁଥିବାବେଳେ ଖଣ୍ଡଗିରି ଥାନା ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହକୁ ଜବତ କରିଛି। ତେବେ ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡିଥିବାବେଳେ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସାଦ ଦାଶ ମଧ ଓୟୁଏଟିର ଭେଟେରିନାରି ପାଥୋଲୋଜି ବିଭାଗରେ ପ୍ରଫେସର ଅଛନ୍ତି। ଉଭୟଙ୍କର ଏକ ୬ବର୍ଷର ପୁଅ ଥିବାବେଳେ ସପରିବାର ଓୟୁଏଟିସ୍ଥିତ କ୍ୱାର୍ଟରରେ ରୁହନ୍ତି। ଦେବୀପ୍ରସାଦଙ୍କ କହିବା ମୁତାବକ, ଗୁରୁବାର ରାତି ୮ଟାରେ ସେ ତାଙ୍କ ପୁଅକୁ ବାହାରକୁ ବୁଲାଇବାକୁ ନେଇଥିଲେ। ରାତି ୧୧ଟାରେ ଘରକୁ ଫେରିବାବେଳକୁ ଘର ଗେଟ୍ ବନ୍ଦ ଥିଲା। ସେ ଗେଟ୍ ଡେଇଁ ଭିତରକୁ ଯିବା ପରେ ସ୍ତ୍ରୀ ବାସନ୍ତୀ ଘରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କଠାରୁ ଖବର ପାଇ ପୋଲିସ ରାତି ପ୍ରାୟ ୧୨ଟାରେ ହସ୍ପିଟାଲରେ ପହଞ୍ଚିଥିଲା। ଏପଟେ ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସାଦ ମଦ୍ୟପାନ କରନ୍ତି, ଯାହାକୁ ନେଇ ସେମାନଙ୍କ ମଧ୍ୟରେ ପ୍ରାୟ ସମୟରେ ଝଗଡ଼ା ଲାଗୁଥିଲା। ସେ ଏ ସମ୍ପର୍କରେ ପୂର୍ବରୁ ମଧ ପୋଲିସକୁ ଫୋନ୍ କରି ଜଣାଉଥିଲେ। ଏଥିସହ ତାଙ୍କ ପୁଅଙ୍କର ମାନସିକ ସ୍ଥିତି ଦୁର୍ବଳ ଥିବାରୁ ସେ ଚିନ୍ତାରେ ଥିଲେ। ଏସବୁ କାରଣରୁ ବାସନ୍ତୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇପାରନ୍ତି। ହେଲେ ବାସନ୍ତୀଙ୍କ ଏପରି ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପୂରା ଘଟଣାକ୍ରମକୁ ଦେଖିଲେ ବାସନ୍ତୀଙ୍କ ମୃତ୍ୟୁ ପଛରେ ଅନ୍ୟକିଛି କାରଣ ଲୁଚି ରହିଥିବା ଚର୍ଚ୍ଚା ହେଉଛି। ବାସନ୍ତୀ ଆତ୍ମହତ୍ୟା କରିବା ପୂର୍ବରୁ ୧୦୦କୁ କଲ୍ କରିଥିବାରୁ ଏହା ପୂରା ଘଟଣାକୁ ରହସ୍ୟ ଭିତରକୁ ଟାଣି ନେଉଛି। ମୃତ୍ୟୁ ପୂର୍ବରୁ ସେ କାହିଁକି ପୋଲିସକୁ କଲ୍ କରୁଥିଲେ? କ'ଣ ଜଣାଇବାକୁ ଚାହୁଁଥିଲେ? କିଛି ବିପଦର ସମ୍ମୁଖୀନ ହୋଇଥିଲେ କି? ଏମିତି ଅନେକ ଦିଗକୁ ନେଇ ପୋଲିସ ତଦନ୍ତ କରିବାର ଆବଶ୍ୟକତା ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରଭୁ ପ୍ରକାଶ



@ ଆକାଶ



@ ଦାନୁ



@ ବିକ୍ରମ



@ ସ୍ୱପ୍ନ



@ ମିଳନ

## ରାମଧୁନ କ୍ଲବ ଫାଇନାଲରେ

**ଯାଁଳା, ୧୧।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୨୩ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ୍‌କୁ ୨-୦ ଗୋଲରେ ହରାଇ ସୋନପୁରର ରାମଧୁନ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ୧୯ତମ ମିନିଟରେ ରାମଧୁନ କ୍ଲବର ଅଜୟ ବାନାର୍ଜୀଙ୍କ ପାସ୍ ବଲ୍‌ରେ ସୁଶାନ୍ତ ଓରାମ ଗୋଲ ଦେଇଥିଲେ। ୬୩ତମ ମିନିଟରେ ମଞ୍ଜିତ୍ ଓରାମଙ୍କ ପାସ୍ ବଲରେ ଆକାଶ ଘୋଷ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ଫ୍ରେଣ୍ଡ୍ସ ପାରାଡାଇଜ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ରାଜୁ ମହାନ୍ତି, ବିଦେଶୀ ନାୟକ, ଏସ୍.କେ. ମୁକିମ୍ ଓ ମିକୁନ୍ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ।





ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ଓ ଟଙ୍କା ଫେରସ୍ତ ଦାବିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜମାକାରୀ ଗଣ ସତ୍ୟାଗ୍ରହ ଅବସରରେ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ତହସିଲ୍ ଅଫିସ୍ ଆଗରେ ବିକ୍ଷୋଭ।



ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ମରଶରୀରକୁ ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଉଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ ଶେଷ ଦର୍ଶନ କରୁଛନ୍ତି।





ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ପରଲୋକରେ ଭୁବନେଶ୍ୱରସ୍ଥିତ ବିଜେଡି ପାର୍ଟି ଅଫିସ୍‌ରେ ଶୁକ୍ରବାର ଅନୁଷ୍ଠିତ ଶୋକସଭା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଫେବୃୟାରୀ ୨୦୨୨



## ସଂକ୍ଷେପରେ

### ଜେଲରେ ବ୍ରାଉନସୁଗାର ବେପାରୀଙ୍କୁ ଇଡିର ଜେରା

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଦଢ଼କୋଟି ଟଙ୍କାର ବ୍ରାଉନସୁଗାର ଜବତ ମାମଲାରେ ସମ୍ପୃକ୍ତ ବେପାରୀ ସେକ୍ ହସିମ୍ ବକ୍ସି ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି। ତେବେ ଏହି ବେଆଇନ ବ୍ୟବସାୟରେ ଟଙ୍କା କାରବାରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନିଜ ଆଡୁ ଏକ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଛି। ଏଥିପାଇଁ ଇଡିର ୨ ଜଣିଆ ଟିମ୍ ଶୁକ୍ରବାର ଜେଲରେ ପହଞ୍ଚି ହସିମ୍‌ଙ୍କୁ ଜେରା କରିଛି। ବ୍ରାଉନସୁଗର କାରବାରରେ ଉପାର୍ଜିତ ଟଙ୍କା ସେ କେଉଁଠି ନିବେଶ କରିଛନ୍ତି, ଏହି ଟଙ୍କା ସେ କେତେଜଣଙ୍କୁ ଦେଇଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ପରିବା ସହ ଇଡି ତାଙ୍କଠାରୁ ତଥ୍ୟ ହାସଲ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ହସିମ୍‌ଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଝାଡ଼େଶ୍ୱରପୁର ଅଞ୍ଚଳରେ। ସେ ରାଜ୍ୟର ବିଭିନ୍ନ ଏଜେଣ୍ଟଙ୍କୁ ବ୍ରାଉନସୁଗାର ଯୋଗାଉଥିଲେ। ତେବେ ୨୦୨୦ ଅକ୍ଟୋବର ୩୧ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ହସିମ୍‌ଙ୍କୁ ବରମୁଣ୍ଡାରୁ ଗିରଫ କରିଥିଲା। ୧ କୋଟି ୭୦ ଲକ୍ଷ ଟଙ୍କାର ୧ କିଲୋ ୭୦୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା।

### ବ୍ୟାଙ୍କ କାର୍ଯ୍ୟାଳୟ ଘେରିଲେ ଅଂଶୀଦାର

**ଜଟଣୀ,୧୧।୨(ଡି.ଏନ୍.ଏ.):** ଜଟଣୀସ୍ଥିତ ରେଲୱେ ଅର୍ବାନ ବ୍ୟାଙ୍କ, ଖୋର୍ଦ୍ଧାରୋଡ୍ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଶତାଧିକ ବ୍ୟାଙ୍କ ଅଂଶୀଦାରମାନେ ଧାରଣା ଦେଇଥିଲେ। ପ୍ରକାଶ ଯେ, କିଛି ମାସ ପୂର୍ବେ ପୂର୍ବତଟ ରେଲୱେ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଅର୍ବାନ ବ୍ୟାଙ୍କ ଜମାରାଶି ଓ ଲାଭାଂଶରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଖବରଦାତା ସମ୍ମିଳନୀରେ କହିଥିଲେ। ଏହା ପରେ ଅର୍ବାନ ବ୍ୟାଙ୍କ, ଖୋର୍ଦ୍ଧାରୋଡ୍ ଶାଖାର ଡାଇରେକ୍ଟର ଖବରଦାତା ସମ୍ମିଳନୀରେ ଦୁର୍ନୀତିକୁ ଖଣ୍ଡନ କରିବା ସହିତ ଜମାରାଶି ଅଂଶୀଦାରଙ୍କ ଖାତାରେ ରହିଛି। ନୂଆ ପରିଷଦ ଗଠନ ପରେ ଜେନେରାଲ ବଡି ମିଟିଂର ଚବିଶ ଘଣ୍ଟାରେ ସମସ୍ତ ପ୍ରାପ୍ୟ ମିଳିଯିବ ବୋଲି କହିଥିଲେ। ଶୁକ୍ରବାର ପୂର୍ବତଟ ରେଲୱେ ଅଧୀନ ଖୋର୍ଦ୍ଧାରୋଡ୍ ଶାଖା ସମେତ ସମସ୍ତ ଶାଖା କାର୍ଯ୍ୟାଳୟରେ ଶତାଧିକ ଅଂଶୀଦାର ବ୍ୟାଙ୍କ୍ କାର୍ଯ୍ୟାଳୟରେ ପହଞ୍ଚି ଜମାରାଶି ଓ ଲାଭାଂଶ ବାବଦରେ ପାସବୁକରେ ଅପ୍‌ଡେଟ୍ ପାଇଁ ଅନୁରୋଧ କରିଥିଲେ। କେବଳ ଅଫିସ୍ ଲେଜରରେ ଜମାରାଶି ଦେଖିପାରିବେ ବୋଲି ବ୍ୟାଙ୍କ କର୍ମଚାରୀ କହିଥିଲେ। ଏନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଅଂଶୀଦାରମାନେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଅଂଶୀଦାରମାନେ ବ୍ୟାଙ୍କ ମ୍ୟାନେଜରଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଂଶୀଦାର ପ୍ରମୋଦ ସାହାଣୀ, ସୁନୀଲ ଭଞ୍ଜ, ଏଲ୍.ଡି.ମହାନ୍ତି, ଆଶୁତୋଷ ମହାନ୍ତି, ସୁବ୍ରତ ପଣ୍ଡା, ଭି.ଏସ.ପ୍ରସାଦ, ପ୍ରଫୁଲ୍ଲ ବେହେରା, ଶରତ ପଣ୍ଡା, ସୁମିତ୍ରା ପଣ୍ଡା, ରୁନି ବେହେରା, ଅର୍ପିତା ମହାନ୍ତିଙ୍କ ସମେତ ଶତାଧିକ ଅଂଶୀଦାର ଧାରଣାରେ ସାମିଲ ହୋଇଥିଲେ।

### ୧୩ରେ 'କରୋନା ଓ ଟିକାକରଣ' ଆଲୋଚନାଚକ୍ର

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ 'କରୋନା ଓ ଟିକାକରଣ'କୁ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସରେ ୧୩ ଫେବୃୟାରୀରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଉଦ୍ୟମକ୍ରମେ ଭାରତ ନବନିର୍ମାଣ ଅଭିଯାନ ଓ ଆୱେକେନ ଇଣ୍ଡିଆ ମୁଭମେଣ୍ଟର ମିଳିତ ସହଯୋଗରେ ଏହି ଆଲୋଚନାଚକ୍ର ହେବ।

# ଦୋଷ ଖସାଇବାକୁ ବାଟ ଖୋଜା

**ବନ ବିଭାଗ ଚୁପ୍, ବାଟବଣା ତଦନ୍ତ**

**ଆଠଗଡ଼ ହାତୀ ମୃତ୍ୟୁ**

- ପିସିସିଏଫ୍ ଅଫିସ ଘେରାଉ ପାଇଁ ଚେତାବନୀ
- ୩ ଦିନ ସମୟ ଦେଲା ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟ



ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପଶ୍ଚିମ ରେଞ୍ଜ୍ ଅନ୍ତର୍ଗତ ବାରାସିଂଘା ବିଟ୍ ଅଞ୍ଚଳରେ ଏକ ଦନ୍ତାହାତୀର ଗଳିତ ମୃତଦେହକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ମାଟିତଳୁ ଜବତ କରିଥିଲା। ହାତୀଟିର ଦାନ୍ତ କଟାଯାଇଥିବାବେଳେ ପୋତିବା ପୂର୍ବରୁ ପୋଡ଼ି ଦିଆଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ଘଟଣାକୁ ଇତିମଧ୍ୟରେ ୪ଦିନ ବିତିଯାଇଥିଲେ ମଧ୍ୟ ବନ ବିଭାଗର ନୀରବତା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ଦିନ ବନ୍ୟପ୍ରାଣୀ ପିସିସିଏଫ୍ ତଦନ୍ତ ହେବ କହି ଏବେ ଚୁପ୍ ବସିଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ଉଠାଇ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଅଫିସ ଘେରାଉ ପାଇଁ ଚେତାବନୀ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ବାଲିକିଆରି ଜଙ୍ଗଲରେ ଏକ ଛୋଟ ହାତୀକୁ ମାରି ଦାନ୍ତ କାଟିନେବା ପରେ ପୋଡ଼ାଯାଇ ପୋତି ଦିଆଗଲା। ବ୍ୟବଚ୍ଛେଦରୁ ଏହା ସ୍ପଷ୍ଟ ହୋଇସାରିଛି। ତେବେ ଏତେସବୁ କାମ ବନ କର୍ମଚାରୀଙ୍କ ବିନା ସହଯୋଗରେ କରିବା ଅସମ୍ଭବ। କାରଣ ହାତୀକୁ ପୋତିବା ପାଇଁ ଗାତ ଖୋଳିବା କାମରେ ଜେସିବି ନିଶ୍ଚୟ ବ୍ୟବହାର ହୋଇଥିବ। ଜଙ୍ଗଲରେ ଶିକାରୀମାନେ ଏ କାମ କରନ୍ତି ନାହିଁ। ଶିକାରୀମାନେ ହାତୀକୁ ମାରିବା ପରେ ଦାନ୍ତ କାଟି ଖସି ପଳାନ୍ତି। କିନ୍ତୁ ଏଠାରେ ହାତୀ ମୃତ୍ୟୁର ପ୍ରମାଣ ନଷ୍ଟ ପାଇଁ ଭରପୂର ପ୍ରଚେଷ୍ଟା କରାଯାଇଥିବା ଜଣାପଡୁଛି। ଅର୍ଥାତ୍ ସ୍ଥାନୀୟ ବନ କର୍ମଚାରୀମାନେ ନିଜର କର୍ତ୍ତବ୍ୟ ପାଳନ କରିବାରେ ଅବହେଳା କରିଥିବା ସ୍ପଷ୍ଟ ହେଉଛି। କିଏ ହାତୀକୁ ମାରିଲା, କେଉଁଠି ମାରିଲା, କିଏ କିଏ ଗାତ ଖୋଳିଲେ, ପୋଡ଼ିଲେ, କିଏ ଦାନ୍ତ କାଟିଲେ ଏସବୁ କଥା ତଦନ୍ତ ପରେ ସ୍ପଷ୍ଟ ହେବ। କିନ୍ତୁ ହାତୀକୁ ଟ୍ରାକିଂ କରିବା ତଥା ସୁରକ୍ଷା ଦେବା ଦାୟିତ୍ୱ ବନ କର୍ମଚାରୀଙ୍କ ହାତରେ ନ୍ୟସ୍ତ ଥିଲା, ଯେଉଁଥିରେ ସେମାନେ ବିଫଳ ହୋଇଛନ୍ତି। ତେଣୁ ନିରପେକ୍ଷ ତଦନ୍ତ ପାଇଁ ବିଶ୍ୱଜିତ୍ ଦାବି କରିବା ସହ ତଦନ୍ତ ପ୍ରଭାବିତ ଆଶଙ୍କା କରି ସେ ସ୍ଥାନୀୟ ଫରେଷ୍ଟ ଗାର୍ଡ, ଫରେଷ୍ଟର ଏବଂ ରେଞ୍ଜରଙ୍କୁ ତୁରନ୍ତ ନିଲମ୍ବନ କରି ସେଠାରୁ ଅନ୍ୟତ୍ର ବଦଳି କରାଯିବା ଆବଶ୍ୟକ ବୋଲି କହିଛନ୍ତି। ତାଙ୍କ ମତରେ, ଏମାନେ ସେଠାରେ ପଦବୀରେ ରହିଲେ, ସେମାନଙ୍କ ଅଧୀନରେ ଥିବା ଅସ୍ଥାୟୀ କର୍ମଚାରୀମାନେ କେବେହେଲେ ସତ କଥା କହିବାକୁ ସାହସ କରିବେ ନାହିଁ। ହେଲେ ବନ୍ୟ ପ୍ରାଣୀ ପିସିସିଏଫ୍ ତାହା ନ କରି ଦୋଷ ଖସାଇବାକୁ ତଦନ୍ତକୁ ବାଟବଣା କରିବାକୁ ସୁଯୋଗ ଦେଉଛନ୍ତି। ଏପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଏସ୍‌ଟିଏଫ୍ ମଧ୍ୟ ତା'ର ଆଭିମୁଖ୍ୟ ଏଯାବତ ସ୍ପଷ୍ଟ କରୁ ନ ଥିବାରୁ ନିଶ୍ଚିତ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସେ ସନ୍ଦେହ କରୁଛନ୍ତି।

ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏସ୍‌ଟିଏଫ୍ ତୁରନ୍ତ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁସାରେ ମାମଲା ରୁଜୁ କରି ବାରାସିଂଘା ବିଟ୍‌ର ସମସ୍ତ ୱାଚର, ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ନରସିଂହପୁର ପଶ୍ଚିମ ରେଞ୍ଜରଙ୍କୁ ଗିରଫ କରି ପ୍ରମାଣ ନଷ୍ଟ କରିବା ଉଦ୍ୟମ ନିମନ୍ତେ ଆଇପିସିର ସମୁଚିତ ଧାରା ଲଗାଇ କୋର୍ଟ ଫରୱାର୍ଡ କରିବା ଉଚିତ। ସେଥିରେ ବନ୍ୟପ୍ରାଣୀ ଆଇନର ଧାରା ୫୭ ମଧ୍ୟ ଯୋଡ଼ିବା ଉଚିତ ବୋଲି ସେ କହିଛନ୍ତି। ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟର ପୂରବୀ ପାତ୍ର କହିଛନ୍ତି, ଆମେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଆଉ ୩ ଦିନ ସମୟ ଦେଉଛୁ। ଯଦି ସେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ନେଲେ, ଆସନ୍ତା ୧୫ତାରିଖରେ ତାଙ୍କ ଅଫିସ ଫାଟକ ବନ୍ଦ କରିବା ସହ ଧାରଣା ଦେବୁ।

## ସୁରକ୍ଷା ପାଚେରି ଭାଙ୍ଗି ପଶିଲା ଜଙ୍ଗଲୀ ହାତୀ

ବାରଙ୍ଗ,୧୧।୨(ଡି.ଏନ୍.ଏ.)

ନନ୍ଦନକାନନରେ ପୁଣି ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶିଛନ୍ତି ଚନ୍ଦକା ଜଙ୍ଗଲର ଦୁଇଟି ହାତୀ। ଗୁରୁବାର ବିଳମ୍ବିତ ରାତିରେ ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶି ଆସିଥିବାର ଜଣାପଡ଼ିଛି। ପରିସରରେ ପଶି ଏଣେତେଣେ ବୁଲି ବୋଟ୍ ଘାଟ ପାଖ ପମ୍ପଘର ପଛପଟେ ଲାଗିଥିବା କଦଳୀ ଗଛଗୁଡ଼ିକୁ ଭାଙ୍ଗି ଖାଇଦେଇଛନ୍ତି ଏହି ଦୁଇ ହାତୀ। ଏହାସହ ଶିଶୁ ରେଳଗାଡ଼ି ରେଳଧାରଣା ଉପରେ ଚାଲି ଚାଲି ବାଘ ସଫାରି ଦେଇ ହମିରାଟାଙ୍ଗୀ ଜଙ୍ଗଲ ଭିତରେ ପଶିରହିଛନ୍ତି। ସିକ୍ୟୁରିଟି ବିଭାଗର ଜଗୁଆଳମାନେ ରାତିରେ ନନ୍ଦନକାନନ ଭିତରେ ଜଗୁଥିଲେ ମଧ୍ୟ ହାତୀ ବିଷୟରେ ଜାଣିପାରିନାହାନ୍ତି। ଶୁକ୍ରବାର ସକାଳେ କଦଳୀ ଗଛଗୁଡିକ ଭାଙ୍ଗିଥିବାର ଜାଣି ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ ପରେ ଜଙ୍ଗଲୀ ହାତୀ ପଶିଥିବାର ଜାଣିବାକୁ ପାଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଖବର ପାଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଏକ ଟିମ୍ ନନ୍ଦନକାନନ ଟିମ୍ ସହ ମିଶି ହାତୀଦ୍ୱୟକୁ ଘଉଡାଇବା ପାଇଁ ଦିନସାରା ଚେଷ୍ଟା କରିଥିଲେ ମଧ୍ୟ ସେମାନେ ହମିରାଟାଙ୍ଗୀ ଜଙ୍ଗଲ ଭିତରୁ ପଦାକୁ ବାହାରି ନ ଥିଲେ। ପୁଣି ରାତିରେ ହାତୀ ଘଉଡ଼ାଇବା ଅଭିଯାନ ଆରମ୍ଭ ହେବ ବୋଲି ସୂଚନା ମିଳିଛି।



ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଗାଡ଼କଣଠାରେ ଥିବା ଏକ ବେଆଇନ ଘରକୁ ବିଡିଏ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଉଛି।

## ରାତି ୧୦ଟାରେ ଉଠିବ ମହାଦୀପ

**ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା**

ପୁରୁଣା ଭୁବନେଶ୍ୱର, ୧୧।୨(ଡି.ଏନ୍.ଏ.)



କୋଭିଡ୍ କଟକଣାରେ ଚଳିତ ଥର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଳନ ହେବ। ରାତି ୧୦ଟାରେ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିବ। ଶୁକ୍ରବାର ଅପରାହ୍ନରେ ସର୍କିଟ ହାଉସ ପରିସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଶ୍ରଦ୍ଧାଳୁମାନେ ମନ୍ଦିର ଗର୍ଭଗୃହ ନିକଟରେ ଥିବା ଆଡ଼କାଠ ଠାରେ ରହି ଦର୍ଶନ କରିପାରିବେ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ ନୀତି ଓ ପୂଜାର୍ଚ୍ଚନା ହେବ। ଏଥିସହ ବୈଠକରେ ସେବାୟତଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଠାକୁରଙ୍କ ରୁପାର ପ୍ରଭା ପରିବର୍ତ୍ତନ, ଦୋକାନୀଙ୍କ ଠାରୁ ଅଧିକ ଭଡ଼ା ଆଦାୟ ଭଳି ବହୁ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବଡୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡୁ, ପୂଜାପଣ୍ଡା ନିଯୋଗର ସଭାପତି ଅଗାଧୁ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗର ସମ୍ପାଦକ ବୀରଞ୍ଚି ନାରାୟଣ ପତି, ସମର୍ଥା ନିଯୋଗର ମିଟୁ ସମର୍ଥାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଲତା, ଦାମୋଦରଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଭାରତ ରତ୍ନ କୋକିଳକଣ୍ଠୀ ଲତାଜୀ ଓ ସଙ୍ଗୀତଜ୍ଞ ଡ.ଦାମୋଦର ହୋତାଙ୍କ ସ୍ମୃତିରେ ଆସନ୍ତା ୧୩ ତାରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ସିନେ କ୍ରିଟିକ୍ ଆସୋସିଏଶନ୍, ସଂସ୍କୃତି ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏହି କାର୍ଯ୍ୟକ୍ରମରେ ଲୋଭା ବିଶ୍ୱାଳ, ଛନ୍ଦା ମିଶ୍ର, ଆଦ୍ୟାଶା ଦାଶ, ସୀମା ମହାନ୍ତି, ପ୍ରତିଭା ପ୍ରଧାନ, ଅଚ୍ୟୁତ ମିଶ୍ର, କୈଳାସ ମଲ୍ଲିକ, ଅରୋଶିଷ ପାଣି ଓ ଅର୍ଣ୍ଣବ ପଣ୍ଡା ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବା ନେଇ ଆସୋସିଏଶନ୍‌ର ସମ୍ପାଦକ ଦିଲୀପ ହାଲି କହିଛନ୍ତି।

## ଏଏସ୍‌ଓ ଚାକିରି ଦେବା ନାଁରେ ୧୫ ଲକ୍ଷ ଟଙ୍କା ଠକେଇ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

- ମନ୍ତ୍ରୀଙ୍କ ସହ ସମ୍ପର୍କ ଥିବା କହିଥିଲେ
- ପୂର୍ବରୁ ମଧ ଏପରି ଠକେଇ କରିଥିଲେ

ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର(ଏଏସ୍‌ଓ) ଚାକିରି ଦେବାକୁ କହି ଜଣେ ବ୍ୟକ୍ତି ୧୫ ଲକ୍ଷ ଟଙ୍କା ଠକେଇ କରି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଖଣ୍ଡଗିରି ଥାନା ଅଞ୍ଚଳର ଅଶୋକ କୁମାର ସାହୁ ଏ ନେଇ କ୍ୟାପିଟାଲ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଶୋକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ଶର୍ମିଳା ସିଂ ୨୦୧୭ରେ ଏଏସ୍‌ଓ ପରୀକ୍ଷା ଦେଇଥିଲେ। ତେବେ ସେହି ସମୟରେ ଅଶୋକଙ୍କ ଶାଶୁଙ୍କ ମାଧ୍ୟମରେ କଟକ ଫୁଲନଖରାର ଜଣେ ବ୍ୟକ୍ତିଙ୍କ ସହ ପରିଚିତ ହୋଇଥିଲେ। ଉକ୍ତ ବ୍ୟକ୍ତିଙ୍କ ଲୋକସେବା ଭବନରେ ବଡ଼ ମନ୍ତ୍ରୀଙ୍କ ସହ ପରିଚିତ ଥିବା କହି ଅଶୋକଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ପରୀକ୍ଷା ଫଳରେ ଶର୍ମିଳା ଉତ୍ତୀର୍ଣ୍ଣ ହେବାକୁ ହେଲେ ୩ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିବାରୁ ଅଶୋକ ବିଶ୍ୱାସ କରି ୨୦୧୯ ମାର୍ଚ୍ଚରେ ତାଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ପରେ ସମ୍ପୃକ୍ତ ବ୍ୟକ୍ତି ପୁଣି କହିଥିଲେ, ଆଉ ୪ଜଣ ପରୀକ୍ଷାର୍ଥୀଙ୍କୁ ଠିକ୍ କରି ଟଙ୍କା ଦିଅନ୍ତୁ, ଏକାସଙ୍ଗେ ୫ଜଣ ଏଏସ୍‌ଓ ଚାକିରି କରିବେ ବୋଲି ଭରସା ଦେଇଥିଲେ। ତେଣୁ ଅଶୋକ ତାଙ୍କର ସମ୍ପର୍କୀୟ ୪ଜଣଙ୍କୁ କହି ୩ ଲକ୍ଷ ଟଙ୍କା ଲେଖାଏ ଆଣି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଇଥିଲେ। ହେଲେ ପରେ ଏଏସ୍‌ଓ ପରୀକ୍ଷା ଫଳ ବାହାରିବାବେଳେ ଉକ୍ତ ୫ଜଣଙ୍କ ନାମ ଆସି ନ ଥିଲା। ତେଣୁ ସେ ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଠକ ଜଣକ ଧରାଛୁଆଁ ଦେଇ ନ ଥିଲେ। ଫୁଲନଖରାକୁ ଯାଇ ବୁଝିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଏହିପରି ଅନେକଙ୍କଠାରୁ ଠକେଇ କରିଥିବା ଜାଣିବାକୁ ପାଇବା ପରେ ଅଶୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ କ୍ୟାପିଟାଲ ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଅଭିଯୋଗକାରୀ ଯେଉଁ ୪ଜଣଙ୍କଠାରୁ ୩ ଲକ୍ଷ ଲେଖାଏ ଟଙ୍କା ଆଣିଥିଲେ। ସେମାନଙ୍କୁ ଶନିବାର ଥାନାକୁ ଡକାଯାଇଛି। ଟଙ୍କା ନେଣଦେଣର ପ୍ରମାଣ ମିଳିବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆଗେଇବ ବୋଲି ସେ କହିଛନ୍ତି।

## ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

ଖୋର୍ଦ୍ଧା ଅଫିସ, ୧୧।୨

- ଚାଳକଙ୍କ ଅସାବଧାନତା ଯୋଗୁ ଘଟୁଛି ଦୁର୍ଘଟଣା
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି



ରାଜପଥରେ କାମ ଚାଲିଛି।

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଅସୁରକ୍ଷିତ। ଭୁବନେଶ୍ୱର ଖଣ୍ଡଗିରି ଛକରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ମରଣଯନ୍ତା ପାଲଟିଛି। ରାସ୍ତା ସମ୍ପ୍ରସାରଣ ଯୋଗୁ ଅନେକ ସ୍ଥାନରେ ଏକମୁହାଁ ଏବଂ ଅଣଓସାରିଆ ରାସ୍ତା ରହିଛି, ଫଳରେ ଦୁର୍ଘଟଣା ଘଟୁଛି। ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ସଚେତନମୂଳକ କାର୍ଯ୍ୟ କରାଯାଉଛି। ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ତେବେ ସବୁ ଯୋଜନା, ସଚେତନତା କେବଳ କାଗଜକଲମରେ ସୀମିତ ରହିଯାଉଛି। ରାଜପଥରେ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିଚାଲିଛି।

ସୂଚନା ମୁତାବକ, ରାସ୍ତା ସମ୍ପ୍ରସାରଣ ଯୋଗୁ ଅନେକ ସ୍ଥାନରେ ରାସ୍ତା ସଙ୍କୁଚିତ ରହିଛି। ଏକମୁହାଁ ଭାରିଯାନ, ଘରୋଇ ବସ୍ ଯାତାୟାତ କରୁଛନ୍ତି। ଫଳରେ ଅସାବଧାନତାରୁ ଦୁର୍ଘଟଣା ଘଟୁଛି। ଏହାକୁ ନିୟନ୍ତ୍ରଣ ପାଇଁ ସରକାରୀସ୍ତରରେ ସେଭଳି ପଦକ୍ଷେପ ନିଆଯାଉନାହିଁ। ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ ଏବଂ ଇଣ୍ଟରସେପ୍ଟର ବ୍ୟବସ୍ଥା ରହିଛି। ତେବେ ଏହା କେବଳ ଜରିମାନାରେ ସୀମିତି। ରାତିରେ ଭାରିଯାନ ଚଳାଚଳ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଦ୍ରୁତ ଗାଡ଼ିଚାଳନା ଏବଂ ଅନ୍ଧକାର ଯୋଗୁ ଦୁର୍ଘଟଣା ଘଟି ଅନେକ ଜୀବନ ଯାଉଛି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୦ ଓ ୨୦୨୧ ବର୍ଷରେ ଏକାଧିକ ସଡ଼କ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଜାତୀୟ ରାଜପଥରେ ଲୋକଙ୍କ ଧନଜୀବନ ସୁରକ୍ଷା ଏବଂ ଦୁର୍ଘଟଣାଜନିତ ଦ୍ରୁତ ସେବା ପାଇଁ ରାଜ୍ୟ ସରକାର ୨୦୨୧ ଏପ୍ରିଲ ପହିଲାରୁ ହାଇୱେ ପାଟ୍ରୋଲିଂ ବ୍ୟବସ୍ଥା କରିଛନ୍ତି। ତେବେ ରାଜ୍ୟରେ ହାଇୱେ ପାଟ୍ରୋଲିଂ ସ୍ଥିତି ନୈରାଶ୍ୟଜନକ ରହିଥିବା ପରିବହନ ସଚିବ ରାଜ୍ୟ ସିଆଇଡିଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମଳିପଡ଼ା ପର୍ଯ୍ୟନ୍ତ ରାସ୍ତାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଫଳରେ ଏଠାରୁ ପଲ୍ଲା ତୋଟାପଡ଼ା ଛକ ପର୍ଯ୍ୟନ୍ତ ଉଭୟପଟ ରାସ୍ତା ସଙ୍କୁଚିତ ରହିଛି। ତୋଟାପଡ଼ା ଛକରେ ଏକମୁହାଁ ରାସ୍ତା ଯୋଗୁ ସମସ୍ତ ଭାରିଯାନ ଯାତାୟାତ କରୁଛି। ଫଳରେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ସେହିଭଳି ରାଜପଥରେ ଟାଙ୍ଗୀ ପର୍ଯ୍ୟନ୍ତ ଚାଲିଥିବା ରାଜପଥ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସାଧାରଣରେ ଦାବି ହୋଇଛି।

### ଦୁର୍ଘଟଣା ଉପରେ ନଜର ରଖିବ ସିସିଟିଭି

ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଛି। ଚାଳକଙ୍କ ଅସାବଧାନତା ତଥା ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛି। ଖୋର୍ଦ୍ଧା ପିଏନ୍ କଲେଜ ଠାରୁ ସଦର ଥାନା ଛକ ପର୍ଯ୍ୟନ୍ତ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ଦ୍ରୁତ ଗାଡିଚାଳନା ଯୋଗୁ ଅନେକ ସମୟରେ ଜୀବନ ଯାଉଛି। ଦୁର୍ଘଟଣା ଉପରେ ନଜର ରଖିବା ପାଇଁ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଜାତୀୟ ରାଜପଥର ବିଭିନ୍ନ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ସିସିଟିଭି ଖଞ୍ଜା ଯିବା ଯୋଜନା ରହିଛି। ଏହାକୁ ଜିଲା ପୋଲିସ ମୁଖ୍ୟାଳୟ ସହିତ ଯୋଡାଯିବ। ଫଳରେ କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ, ପୋଲିସ ପକ୍ଷରୁ ତ୍ୱରିତ ସେବା ପ୍ରଦାନ କରାଯାଇପାରିବ। ଜିଲା ପୋଲିସ ମୁଖ୍ୟାଳୟରେ ଏହି ଯୋଜନା ଆରମ୍ଭ କରାଯାଇଥିବା ଏସ୍‌ପି ଅଲେଖ ଚନ୍ଦ୍ର ପହି ଟୁଇଟ କରି ସୂଚନା ଦେଇଛନ୍ତି।



ଭୁବନେଶ୍ୱରର ବ୍ରହ୍ମେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ 'ବ୍ରହ୍ମେଶ୍ୱର କପ୍'ର ଶୁକ୍ରବାର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଆଇଆର୍‌ସି (ନୟାପଲ୍ଲୀ) ଓ ରକ୍ ଷ୍ଟାର୍ (କଟକ)ଟିମ୍‌ର ଖେଳାଳିମାନେ।



କଟକ ଶିଳ୍ପୀ କୁମ୍ଭାରସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଭିନେତା ମିହିର ଦାସଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅଭିନେତା କୁନା ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।



ଏକାତ୍ମ ମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ୫୪ତମ ବଳିଦାନ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

## ଆଜି କ'ଣ କେଉଁଠି

କଟକ
- ପତଞ୍ଜଳି ଯୋଗପୀଠ କଟକ ଜିଲା ପକ୍ଷରୁ ସୂର୍ଯ୍ୟ ନମସ୍କାର, ଷଷ୍ଠ ବାଟାଲିୟନ ପଡ଼ିଆ, ଓଏମ୍‌ପି ଛକ, ସକାଳ ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

## ଅଫ୍‌ଲାଇନ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ବାଙ୍କୀ,୧୧।୨(ସ୍ୱ.ପ୍ର.) ଅଫ୍‌ଲାଇନ ପରୀକ୍ଷା ବାତିଲ ଦାବି କରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ଛାତ୍ରୀଛାତ୍ରମାନେ କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, କୋଭିଡ କଟକଣା ପାଇଁ କଲେଜ ବନ୍ଦ କରିଦିଆଯାଇଥିଲା। ଅଫ୍‌ଲାଇନ ପାଠ ପଢ଼ା ମାତ୍ର ୧୫ ଦିନ ହୋଇଥିବା ବେଳେ ଅନ୍‌ଲାଇନ ପାଠପଢ଼ା ମାତ୍ର କିଛି ମାସ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି କେବଳ ଅନ୍‌ଲାଇନରେ ପରୀକ୍ଷା କରାଯାଉ ନଚେତ ସମ୍ପୂର୍ଣ୍ଣ ଭାବେ ବାତିଲ କରିବାକୁ ସେମାନେ ଦାବି କରିଥିଲେ। ବାଙ୍କୀ କଲେଜ ଅଧକ୍ଷ ଭବାନୀ ପ୍ରସାଦ ହୋତା ଏବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାଜବୀରଙ୍କ ପାଇଁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ମାଗୁଛନ୍ତି ଛାତ୍ରୀଛାତ୍ର

କଟକ ଅଫିସ,୧୧।୨ - କନ୍ଧମାଳ ଜିଲାର ୨୨ ମାସର ଶିଶୁ ରାଜବୀର ରଣା ସ୍ପାଇନାଲ ମସ୍କ୍ୟୁଲାର ଆଟ୍ରୋପି ଟାଇପ-୨ ରୋଗରେ ପୀଡିତ। ଏହି ରୋଗର ଚିକିତ୍ସା ପାଇଁ ୧୬ କୋଟି ଟଙ୍କା ମୂଲ୍ୟର ଏକ ଇଞ୍ଜେକ୍ସନ ଆବଶ୍ୟକ ପଡୁଛି। ହେଲେ ଅର୍ଥ ନ ଥିବାରୁ ତାଙ୍କ ମାଆବାପା ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜବୀରଙ୍କୁ ସହାୟତା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରୟାଶ କରିଛନ୍ତି। ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରି ଆର୍ଥିକ ସହାୟତା ଦେବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ୨/୩ ଦିନ ବିଶ୍ୱବିଦ୍ୟାଳୟ ପରିସରରେ ଏପରି କାର୍ଯ୍ୟକ୍ରମ କରିବା ପରେ ସହରର ଗୁରୁତ୍ୱପୂର୍ଣ୍ଣ ଛକରେ ଠିଆ ହୋଇ ସହରବାସୀଙ୍କୁ ଆର୍ଥିକ ସହାୟତା ପାଇଁ ନିବେଦନ କରିବେ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଏଥିସହ ଛାତ୍ରୀଛାତ୍ରମାନେ ଏକ ଭିଡିଓ ପ୍ରସ୍ତୁତ କରି ରାଜ୍ୟ ତଥା ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ରାଜବୀରଙ୍କ ପାଇଁ ଏପରି କରିବାକୁ କହିଛନ୍ତି।

## ଭରଣପୋଷଣ ପାଇଁ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହେଲେ ବୃଦ୍ଧ

ବାଙ୍କୀ,୧୧।୨(ସ୍ୱ.ପ୍ର.)
ପୁଅ, ବୋହୂ ଅତ୍ୟାଚାରରେ ଅତିଷ୍ଠ ହୋଇଥିବା ବାଙ୍କୀ ଢଁସର ପାଟଣାର ରାମଚନ୍ଦ୍ର ପ୍ରଧାନ (୭୫) ଶୁକ୍ରବାର ଉପଖଣ୍ଡସ୍ତରୀୟ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ପୁଅ ଓ ବୋହୂ ଥିବା ସତ୍ତ୍ୱେ ଘର ପିଣ୍ଡାରେ ସେ ଭୋକ ଉପାସରେ ପଡ଼ି ରହୁଥିଲେ। ଶେଷରେ ନିରାଶ ହୋଇ ବର୍ଷେ ହେବ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ଆରିକିମା ବରିଷ୍ଠ ନାଗରିକ ସେବାଶ୍ରମରେ ଜୀବନଯାପନ କରୁଛନ୍ତି। ଏ ସମ୍ପର୍କରେ ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭାପତି ବିରଞ୍ଚିନାରାୟଣ ଦାସ ଜାଣିବା ପରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ କାର୍ଯ୍ୟାଳୟରେ ଥିବା ଟ୍ରିବ୍ୟୁନାଲରେ ଭରଣପୋଷଣ ପାଇଁ ଦରଖାସ୍ତ କରିଛନ୍ତି। ଉପଜିଲାପାଳ ଏହା ଜାଣିବାପରେ ଅଭିଯୁକ୍ତ ପୁଅ ଓ ବୋହୂ ବିରୋଧରେ ଏକ ମାମଲା ରୁଜୁ କରି ମାର୍ଚ୍ଚ ୩ରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ୧୩,୯୯୦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ ଭୋଟର

## ୫ ପର୍ଯ୍ୟାୟରେ ହେବ ନିର୍ବାଚନ

କଟକ ଅଫିସ,୧୧।୨

ଆସନ୍ତା ୧୬, ୧୮, ୨୦, ୨୨ ଓ ୨୪ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୫ଟି ପର୍ଯ୍ୟାୟରେ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ମାହାଙ୍ଗା ବ୍ଲକର ୪ ଜିଲା ପରିଷଦ ଓ ୩୭ ପଞ୍ଚାୟତ ପାଇଁ ୧୩୭୧ ପ୍ରାର୍ଥୀ, କଟକ ସଦର ବ୍ଲକର ୪ ଜିଲା ପରିଷଦ ଓ ୨୩ ପଞ୍ଚାୟତ ପାଇଁ ୮୧୩ ପ୍ରାର୍ଥୀ, ନରସିଂହପୁର ବ୍ଲକର ୪ ଜିଲା ପରିଷଦ ଓ ୩୭ ପଞ୍ଚାୟତ ପାଇଁ ୧୨୦୩ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଏଥିସହ ଉକ୍ତ ୩ଟି ବ୍ଲକ ୧୪୫୧ ବୁଥ୍‌ରେ ୩ ଲକ୍ଷ ୯୭ ହଜାର ୯୯୮ ଭୋଟର ଉକ୍ତ ଦିନ ମତଦାନ କରିବେ। ସେହିପରି ୧୮ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ନିଶ୍ଚିନ୍ତକୋଇଲି ବ୍ଲକର ୫ ଜିଲା ପରିଷଦ ଓ ୪୧ପଞ୍ଚାୟତ ପାଇଁ ୧୬୦୨ ପ୍ରାର୍ଥୀ, ବାରଙ୍ଗ ବ୍ଲକର ୨ ଜିଲା ପରିଷଦ ଓ ୧୬ ପଞ୍ଚାୟତ ପାଇଁ ୫୩୭ ପ୍ରାର୍ଥୀ, ବଡମ୍ବା ବ୍ଲକର ୩ ଜିଲା ପରିଷଦ ଓ ୩୮ ପଞ୍ଚାୟତ ପାଇଁ ୧୨୨୩ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଏହି ୩ଟି ବ୍ଲକର ୧୩୧୦ ବୁଥ୍‌ରେ ୩ ଲକ୍ଷ ୫୬ ହଜାର ୬୯୦ ଭୋଟର ଉକ୍ତ ଦିନ ମତଦାନ କରିବେ। ୨୦ ତାରିଖ ତୃତୀୟ ପର୍ଯ୍ୟାୟରେ ସାଲେପୁର ବ୍ଲକର ୪ ଜିଲା ପରିଷଦ ଓ ୩୫ ପଞ୍ଚାୟତ ପାଇଁ ୧୪୧୭ ପ୍ରାର୍ଥୀ, କଣ୍ଟାପଡା ବ୍ଲକର ୨ ଜିଲା ପରିଷଦ ଓ ୧୪ ପଞ୍ଚାୟତ ପାଇଁ ୪୯୭ ପ୍ରାର୍ଥୀ, ତିଗିରିଆ ବ୍ଲକର ୩ ଜିଲା ପରିଷଦ ଓ ୩୮ ପଞ୍ଚାୟତ ପାଇଁ ୬୨୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଏହି ୩ଟି ବ୍ଲକର ୯୯୩ ବୁଥ୍‌ରେ ୨ ଲକ୍ଷ ୯୯ ହଜାର ୫୧୮ ଭୋଟର ମତଦାନ କରିବେ। ସେହିପରି ୨୨ ତାରିଖ ଚତୁର୍ଥ ପର୍ଯ୍ୟାୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୪ ଜିଲା ପରିଷଦ ଓ ୨୪ ପଞ୍ଚାୟତ ପାଇଁ ୯୪୬ ପ୍ରାର୍ଥୀ, ଆଠଗଡ଼ ବ୍ଲକର ୩ ଜିଲା ପରିଷଦ ଓ ୩୪ ପଞ୍ଚାୟତ ପାଇଁ ୧୧୧୬ ପ୍ରାର୍ଥୀ, ବାଙ୍କୀ-ଡମପଡା ବ୍ଲକର ୨ ଜିଲା ପରିଷଦ ଓ ୧୭ ପଞ୍ଚାୟତ ପାଇଁ ୬୧୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଏହି ୩ ବ୍ଲକର ୧୧୪୪ ବୁଥ୍‌ରେ ୩ ଲକ୍ଷ ୧୭ ହଜାର ୨୭୭ ଭୋଟର ଉକ୍ତ ଦିନ ମତଦାନ କରିବେ। ସେହିପରି ୨୪ ତାରିଖ ପଞ୍ଚମ ପର୍ଯ୍ୟାୟରେ ନିଆଳି ବ୍ଲକର ୪ ଜିଲା ପରିଷଦ ଓ ୨୩ ପଞ୍ଚାୟତ ପାଇଁ ୧୧୭୪, ବାଙ୍କୀ ବ୍ଲକର ୩ ଜିଲା ପରିଷଦ ଓ ୨୦ ପଞ୍ଚାୟତ ପାଇଁ ୮୫୪ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଉକ୍ତ ବ୍ଲକର ୮୦୫ ବୁଥ୍‌ରେ ୨ଲକ୍ଷ ୨୫ ହଜାର ୧୯୩ ଭୋଟର ମତଦାନ କରିବେ। ତେବେ ୫ଟି ପର୍ଯ୍ୟାୟରେ ୫୭୦୩ ବୁଥ୍‌ରେ ୧୫,୯୬,୬୭୬ ଜଣ ଭୋଟର ୧୩,୯୯୦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ।



ସମ୍ରାଟ ସେଇ କଳାର ପୂଜାରୀ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ପରିବେଷିତ ନାଟକ 'ଯୋଡ଼ା ଯାଁଳା'ର ଏକ ଦୃଶ୍ୟ।

## ୨ ଆଇଆଇସିଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

### ଖବରଦାତାଙ୍କୁ ଦୁର୍ବ୍ୟବହାର ମାମଲା

ନିଶ୍ଚିନ୍ତକୋଇଲି,୧୧।୨(ସ୍ୱ.ପ୍ର.)

ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ସହ ମିଥ୍ୟା ମାମଲା ଦାଏର କରିବାକୁ ନେଇ ନିର୍ବାଚନ କମିଶନର ଓ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ମାହାଙ୍ଗା ଖବରଦାତା ସଂଘ ଅଭିଯୋଗ କରିଛି। ଏପରି କି ଦୁଇ ଥାନା ଅଧିକାରୀ ଶାସକ ଦଳର ହାତବାରିସି ସାଜିଥିବାରୁ ଅବାଧ ଓ ନିରପକ୍ଷ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ନିର୍ବାଚନ କମିଶନରଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ମୁଖ୍ୟାଳୟରୁ ପତ୍ର ନଂ.୫୧୨୭ ତା।-୧୦/୦୨/୨୦୨୨ରେ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଏହାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାର ନକଲ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅବଗତ କରାଯାଇଛି।

ମାହାଙ୍ଗା ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତି ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବାବେଳେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ନାମରେ ମାମଲା ରୁଜୁ କରିଥିଲେ। କିନ୍ତୁ ଗଣମାଧ୍ୟମ ପ୍ରତିନିଧିଙ୍କ ଅଭିଯୋଗର ଏପର୍ଯ୍ୟନ୍ତ ମାମଲା ରୁଜୁ କରିନାହାନ୍ତି। ଏନେଇ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧି ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରୁଛନ୍ତି କହି ମାମଲାକୁ ଦୁର୍ବଳ କରୁଛନ୍ତି। ଏନେଇ ପ୍ରତିକ୍ରିୟା ଲାଗି ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଥାନା ଅଧିକାରୀଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ ଉଠାଉ ନାହାନ୍ତି କି କୌଣସ ତିକ୍ରିୟା ଦେଉନାହାନ୍ତି।

## ଗାଁ ସ୍କୁଲରୁ ବଦଳିଲେ ସରପଞ୍ଚ ପ୍ରାର୍ଥିନୀଙ୍କ ସ୍ୱାମୀ

ନିଶ୍ଚିନ୍ତକୋଇଲି,୧୧।୨(ସ୍ୱ.ପ୍ର.)

ସ୍ୱାମୀ ଶିକ୍ଷକ ଥାଇ ସ୍ତ୍ରୀ ସରପଞ୍ଚ ପ୍ରାର୍ଥିନୀ ହେବା ପରେ ସ୍ୱାମୀଙ୍କୁ ଗାଁ ସ୍କୁଲ୍ ଛାଡ଼ିବାକୁ ପଡ଼ିଛି। ଦୀର୍ଘଦିନ ହେବ ଗାଁ ବିଦ୍ୟାଳୟରେ ଶିକ୍ଷକତା କରି ରାଜନୀତିରେ ସକ୍ରିୟ ଥିବା ଶିକ୍ଷକଙ୍କୁ ଗାଁ ସ୍କୁଲ ଏପରି କି ପଞ୍ଚାୟତ ଛାଡିବାକୁ ପଡ଼ିଛି। ଏପରି ଘଟଣା କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତରେ ଘଟିଛି। ସମ୍ପୃକ୍ତ ଶିକ୍ଷକ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କେନ୍ଦୁପାଟଣା ଘେଓାରଚାନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କାଳିପ୍ରସନ୍ନ ନାୟକ। ତାଙ୍କୁ ବୁହାଲୋ ପଞ୍ଚାୟତର ବରପଡ଼ା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଶିକ୍ଷକ ନାୟକଙ୍କ ସ୍ତ୍ରୀ ବିଜେଡି ସମର୍ଥନରେ କେନ୍ଦୁପାଟଣା ପଞ୍ଚାୟତରୁ ଚଳିତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥିନୀ ହୋଇଛନ୍ତି। ଏସମ୍ପର୍କରେ ସ୍ଥାନୀୟଲୋକେ ନବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏଥିଯୋଗୁ ତାଙ୍କୁ ବଦଳି କରାଯାଇଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ତେବେ ସମ୍ପୃକ୍ତ ଶିକ୍ଷକ ପୂର୍ବରୁ ଗାଁ ସ୍କୁଲରେ ଶିକ୍ଷକତା କରିବାକୁ ସରପଞ୍ଚ ପଦ ଛାଡ଼ିଥିଲେ। ଏବେ ସ୍ତ୍ରୀ ସରପଞ୍ଚ ପଦ ପାଇଁ ତାଙ୍କୁ ସ୍କୁଲ ଛାଡ଼ିବାକୁ ପଡ଼ିଛି।

## ଓୟୁଏଟି ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସନ୍ଦେହଜନକ ମୃତ୍ୟୁ

### ମୃତ୍ୟୁ ପୂର୍ବରୁ ୧୦୦କୁ କଲ୍ କରିଥିଲେ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପ୍ରାଣୀ ପ୍ରସୂତିବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବାସନ୍ତୀ ଜେନା(୩୭)ଙ୍କ ଗୁରୁବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ପରିବାର ଲୋକେ ଆତ୍ମହତ୍ୟା କହୁଥିବାବେଳେ ଖଣ୍ଡଗିରି ଥାନା ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହକୁ ଜବତ କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସାଦ ଦାଶ ମଧ୍ୟ ଓୟୁଏଟିରେ ଭେଟେରିନାରି ପାଥୋଲୋଜି ବିଭାଗରେ ପ୍ରଫେସର ଅଛନ୍ତି। ଉଭୟଙ୍କର ଏକ ୬ବର୍ଷର ପୁଅ ଥିବାବେଳେ ସପରିବାର ଓୟୁଏଟିସ୍ଥିତ କ୍ୱାର୍ଟରରେ ରୁହନ୍ତି। ଦେବୀପ୍ରସାଦଙ୍କ କହିବା ମୁତାବକ, ଗୁରୁବାର ରାତି ପ୍ରାୟ ୮ଟାବେଳେ ସେ ତାଙ୍କ ପୁଅକୁ ବାହାରକୁ ବୁଲାଇବାକୁ ନେଇଥିଲେ। ରାତି ପ୍ରାୟ ୧୧ଟାରେ ଘରକୁ ଫେରିବାବେଳକୁ କ୍ୱାର୍ଟର ଗେଟ୍ ବନ୍ଦ ଥିଲା। ସେ ଗେଟ୍ ଡେଇଁ ଭିତରକୁ ଯିବା ପରେ ସ୍ତ୍ରୀ ବାସନ୍ତୀ ଘରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କଠାରୁ ଖବର ପାଇ ପୋଲିସ ରାତି ପ୍ରାୟ ୧୨ଟାରେ ହସ୍ପିଟାଲରେ ପହଞ୍ଚିଥିଲା। ଏପଟେ ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସାଦ ମଦ୍ୟପାନ କରନ୍ତି, ଯାହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ଏଥିସହ ତାଙ୍କ ପୁଅଙ୍କ ମାନସିକ ସ୍ଥିତି ଦୁର୍ବଳ ଥିବାରୁ ସେ ଚିନ୍ତାରେ ଥିଲେ। ଏସବୁ କାରଣରୁ ବାସନ୍ତୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇପାରନ୍ତି। ହେଲେ ବାସନ୍ତୀଙ୍କ ଏପରି ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପୂରା ଘଟଣାକ୍ରମକୁ ଦେଖିଲେ ଏହି ମୃତ୍ୟୁ ପଛରେ ଅନ୍ୟକିଛି କାରଣ ଲୁଚି ରହିଥିବା ଚର୍ଚ୍ଚା ହେଉଛି। ବାସନ୍ତୀ ଆତ୍ମହତ୍ୟା ପୂର୍ବରୁ ୧୦୦କୁ କଲ୍ କରିଥିବାରୁ ଏହା ପୂରା ଘଟଣାକୁ ରହସ୍ୟ ଭିତରକୁ ଟାଣି ନେଉଛି। ସୂଚନାଯୋଗ୍ୟ, ଦେବୀପ୍ରସାଦଙ୍କ ଘର ଜଗତ୍‌ସିଂହପୁର ଜିଲା ସଦର ଥାନା ଅଞ୍ଚଳରେ। ସେ ବାସନ୍ତୀଙ୍କ ସହ ପାଠପଢୁଥିଲେ। ଉଭୟେ ୨୦୧୨ରେ ପ୍ରେମ ବିବାହ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରଭୁ ପ୍ରକାଶ



@ ଆକାଶ



@ ଦାନୁ



@ ବିକ୍ରମ



@ ସ୍ୱପ୍ନା



@ ମିଳନ

## ବିଦ୍ୟାଳୟରୁ ଜବରଦଖଲ ଉଚ୍ଛେଦ

ନିଶ୍ଚିନ୍ତକୋଇଲି,୧୧।୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଭାଗବତପୁର ପ୍ରାଥମିକ ବିଦ୍ୟାଳୟ ଗୃହରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ମତଦାନ କେନ୍ଦ୍ର କରିବା ପାଇଁ ପ୍ରଶାସନ ତରଫରୁ ଏପରି କରାଯାଇଛି। ଜବରଦଖଲ ଉଚ୍ଛେଦ ସମୟରେ ସାଲେପୁର ଏସ୍‌ଡିପିଓ ବିମଳ ବାରିକ୍, ନିଶ୍ଚିନ୍ତକୋଇଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢୀ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ଗୃହରେ ପଞ୍ଚାୟତସ୍ତରୀୟ ନିର୍ବାଚନ ବୁଥ ହୋଇ ଆସୁଥିଲା। ୨୦୨୦ରେ ବିଦ୍ୟାଳୟରେ ଉପସ୍ଥାନ କମ୍ ଥିବାରୁ ଏହାକୁ ବନ୍ଦ କରିଦିଆଯାଇଥିଲା। ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜବରଦଖଲ କରି ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ବୁଲାଇ ଦେଇଥିଲେ। ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନ ପାଇଁ ଏଠାରେ ମତଦାନ କେନ୍ଦ୍ର କରିବାକୁ ଘୋଷଣା କରାଯାଇଛି। କିନ୍ତୁ ବ୍ୟକ୍ତିଗତ ମାଲିକାନାରେ ଥିବାରୁ ସନ୍ଦେହ ଜାତ ହୋଇଥିଲା। ଏନେଇ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ଏନେଇ ଜିଲାପାଳ, ତହସିଲଦାର ଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ହେବାପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।




ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ଓ ଟଙ୍କା ଫେରସ୍ତ ଦାବିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜମାକାରୀଙ୍କ ଗଣ ସତ୍ୟାଗ୍ରହ ଅବସରରେ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ତହସିଲ୍ ଅଫିସ୍ ଆଗରେ ବିକ୍ଷୋଭ।



ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ମରଶରୀରକୁ ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଉଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ ଶେଷ ଦର୍ଶନ କରୁଛନ୍ତି।




ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ପରଲୋକରେ ଭୁବନେଶ୍ୱରସ୍ଥିତ ବିଜେଡି ପାର୍ଟି ଅଫିସ୍‌ରେ ଶୁକ୍ରବାର ଅନୁଷ୍ଠିତ ଶୋକସଭା।

## ସଂକ୍ଷେପରେ

### ଲାଞ୍ଚ ନେଇ କିରାଣି ଗିରଫ

**କଟକ ଅଫିସ,୧୧।୨:** ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜଣେ କିରାଣିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ କଲେକ୍ଟୋରେଟର ରେକର୍ଡ ସେକ୍ସନରେ କିରାଣି ଭାବେ କାର୍ଯ୍ୟ କରୁଥିବା କାଶୀନାଥ ଦାସ। ଭିଜିଲାନ୍ସ ସୂଚନା ଅନୁଯାୟୀ, କାଶୀନାଥ ଏକ ରେକର୍ଡ ବାହାର କରି ଦେବା ପାଇଁ ଜଣେ ବ୍ୟକ୍ତିଙ୍କୁ ଲାଞ୍ଚ ମାଗିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ୬ ହଜାର ଟଙ୍କା କାଶୀନାଥଙ୍କୁ ଦେଉଥିବାବେଳେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏଥିସହ କାଶୀନାଥଙ୍କ ବାର୍ମିସାହିସ୍ଥିତ ଘର ଉପରେ ଚଢ଼ାଉ କରାଯାଇଥିବା ଭିଜିଲାନ୍ସ ସୂଚନା ଦେଇଛି।

### ସହରରେ ୧୦ ପାର୍କ ଖୋଲିବ

**କଟକ ଅଫିସ,୧୧।୨:** କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରରେ ୧୦ଟି ପାର୍କ ଖୋଲାଯିବ। ଏଠାରେ ବ୍ୟାୟାମ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ସିଡିଏ ଅଞ୍ଚଳରେ ୭ଟି, ପୁରୁଣା ଏଲ୍‌ଆଇସି କଲୋନୀ, ଶକ୍ତିନଗର ଓ ଖାନ୍‌ନଗର ଅଞ୍ଚଳରେ ଗୋଟିଏ ଲେଖାଏ ପାର୍କର ନିର୍ମାଣ କାର୍ଯ୍ୟ ଚାଲିଛି। ଆସନ୍ତା ପଞ୍ଚାୟତିରାଜ ଦିବସରେ ଏହାକୁ ଉଦ୍‌ଘାଟନ କରାଯିବା ଯୋଜନା ରହିଛି ବୋଲି ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି।

### ଭୋଟର ତାଲିକା ସଂଶୋଧନ ଅବଧି ବୃଦ୍ଧି ଦାବି

**କଟକ ଅଫିସ,୧୧।୨:** ଆଗାମୀ ପୌର ନିର୍ବାଚନ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୫୯ଟି ୱାର୍ଡର ପ୍ରାଥମିକ ଭୋଟର ତାଲିକା ଗୁରୁବାର ପ୍ରକାଶ ପାଇଛି। ଏହି ତାଲିକାରେ ଯଦି କୌଣସି ଭୋଟରଙ୍କ ନାମ ନ ଥିବ କିମ୍ବା ତ୍ରୁଟି ଥିବ, ତା'ହେଲେ ସେମାନେ ସିଏମ୍‌ସି ନିକଟରେ ଆସନ୍ତା ୧୬ ତାରିଖ ମଧ୍ୟରେ ଅଭିଯୋଗ କରିପାରିବେ। ହେଲେ ଉକ୍ତ ତାଲିକାରେ ଅନେକ ତ୍ରୁଟି ଥିବା ନେଇ ଅଭିଯୋଗ ଆସୁଥିବା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କହିଛନ୍ତି। ଏ ସମ୍ପର୍କରେ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତି ୱାର୍ଡରେ ଅଭିଯୋଗ ଶୁଣାଣି ପାଇଁ ଦୁଇଟି ଅଫିସ ଖୋଲିବା ଓ ଅଭିଯୋଗ ପାଇଁ ଥିବା ଅବଧିକୁ ଆଉ ଏକ ସପ୍ତାହ ବୃଦ୍ଧି କରିବାକୁ ମୋକିମ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ନିକଟରେ ଶୁକ୍ରବାର ଦାବି କରିଛନ୍ତି। ଏଥିସହ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ଜନସଚେତନତା ସୃଷ୍ଟି କରିବା ନିମନ୍ତେ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳଙ୍କ ସହ ମୋକିମ ଆଲୋଚନା କରିଛନ୍ତି।

### ମେଣ୍ଟାଲ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ୱାର୍କର୍ସ ୟୁନିୟନର କର୍ମକର୍ତ୍ତା ନିର୍ବାଚନ

**କଟକ ଅଫିସ,୧୧।୨:** ଏସ୍‌ସିବି ମେଡିକାଲ କଲେଜ ପରିସରସ୍ଥ ମେଣ୍ଟାଲ ହେଲ୍‌ଥ୍ ଇନ୍‌ଷ୍ଟିଚ୍ୟୁଟ୍ ୱାର୍କର୍ସ ୟୁନିୟନର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶରେ ସଂଘ ଉପସଭାପତି ସାକିର ଖାଁ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଉପ ସମ୍ପାଦକ ଶିବ ପ୍ରସାଦ ମହାନ୍ତି ଓ ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଟୋପାଙ୍କ ଦ୍ୱାରା ନିର୍ବାଚନ ପରିଚାଳିତ ହୋଇଥିଲା। ଏହି ନିର୍ବାଚନରେ ସମ୍ପାଦକ ଭାବେ ଶିବ ପ୍ରସାଦ ନାୟକ ଓ ଯୁଗ୍ମ ସମ୍ପାଦିକା ଭାବେ ବାସନ୍ତୀ ରାଉତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସଭାପତିଙ୍କ ଅନୁମୋଦନକ୍ରମେ ସଭ୍ୟ ଓ ଅନ୍ୟ କର୍ମକର୍ତ୍ତା ଚୟନ କରାଯିବ। ନୂତନ କର୍ମକର୍ତ୍ତାମାନେ ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ସଂଘ କାର୍ଯ୍ୟ ପାଇଁ ଦାୟିତ୍ୱ ଗ୍ରହଣ କରିବେ ବୋଲି ସଂଘ ଉପସଭାପତି ଖାଁ ଘୋଷଣା କରିଛନ୍ତି।

# ଦୋଷ ଖସାଇବାକୁ ବାଟ ଖୋଜା

**ବନ ବିଭାଗ ଚୁପ୍, ବାଟବଣା ତଦନ୍ତ**

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପଶ୍ଚିମ ରେଞ୍ଜ୍ ଅନ୍ତର୍ଗତ ବାରାସିଂଘା ବିଟ୍ ଅଞ୍ଚଳରେ ଏକ ଦନ୍ତାହାତୀର ଗଳିତ ମୃତଦେହକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ମାଟିତଳୁ ଜବତ କରିଥିଲା। ହାତୀଟିର ଦାନ୍ତ କଟାଯାଇଥିବାବେଳେ ପୋତିବା ପୂର୍ବରୁ ପୋଡ଼ି ଦିଆଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ଘଟଣାକୁ ଇତିମଧ୍ୟରେ ୪ଦିନ ବିତିଯାଇଥିଲେ ମଧ୍ୟ ବନ ବିଭାଗର ନୀରବତା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ଦିନ ବନ୍ୟପ୍ରାଣୀ ପିସିସିଏଫ୍ ତଦନ୍ତ ହେବ କହି ଏବେ ଚୁପ୍ ବସିଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ଉଠାଇ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଅଫିସ ଘେରାଉ ପାଇଁ ଚେତାବନୀ ଦେଇଛନ୍ତି।

**ଆଠଗଡ଼ ହାତୀ ମୃତ୍ୟୁ**

- ପିସିସିଏଫ୍ ଅଫିସ ଘେରାଉ ପାଇଁ ଚେତାବନୀ
- ୩ ଦିନ ସମୟ ଦେଲା ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟ



ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ବାଲିକିଆରି ଜଙ୍ଗଲରେ ଏକ ଛୋଟ ହାତୀକୁ ମାରି ଦାନ୍ତ କାଟିନେବା ପରେ ପୋଡ଼ାଯାଇ ପୋତି ଦିଆଗଲା। ବ୍ୟବଚ୍ଛେଦରୁ ଏହା ସ୍ପଷ୍ଟ ହୋଇସାରିଛି। ତେବେ ଏତେସବୁ କାମ ବନ କର୍ମଚାରୀଙ୍କ ବିନା ସହଯୋଗରେ କରିବା ଅସମ୍ଭବ। କାରଣ ହାତୀକୁ ପୋତିବା ପାଇଁ ଗାତ ଖୋଳିବା କାମରେ ଜେସିବି ନିଶ୍ଚୟ ବ୍ୟବହାର ହୋଇଥିବ। ଜଙ୍ଗଲରେ ଶିକାରୀମାନେ ଏ କାମ କରନ୍ତି ନାହିଁ। ଶିକାରୀମାନେ ହାତୀକୁ ମାରିବା ପରେ ଦାନ୍ତ କାଟି ଖସି ପଳାନ୍ତି। କିନ୍ତୁ ଏଠାରେ ହାତୀ ମୃତ୍ୟୁର ପ୍ରମାଣ ନଷ୍ଟ ପାଇଁ ଭରପୂର ପ୍ରଚେଷ୍ଟା କରାଯାଇଥିବା ଜଣାପଡୁଛି। ଅର୍ଥାତ୍ ସ୍ଥାନୀୟ ବନ କର୍ମଚାରୀମାନେ ନିଜର କର୍ତ୍ତବ୍ୟ ପାଳନ କରିବାରେ ଅବହେଳା କରିଥିବା ସ୍ପଷ୍ଟ ହେଉଛି। କିଏ ହାତୀକୁ ମାରିଲା, କେଉଁଠି ମାରିଲା, କିଏ କିଏ ଗାତ ଖୋଳିଲେ, ପୋଡ଼ିଲେ, କିଏ ଦାନ୍ତ କାଟିଲେ ଏସବୁ କଥା ତଦନ୍ତ ପରେ ସ୍ପଷ୍ଟ ହେବ। କିନ୍ତୁ ହାତୀକୁ ଟ୍ରାକିଂ କରିବା ତଥା ସୁରକ୍ଷା ଦେବା ଦାୟିତ୍ୱ ବନ କର୍ମଚାରୀଙ୍କ ହାତରେ ନ୍ୟସ୍ତ ଥିଲା, ଯେଉଁଥିରେ ସେମାନେ ବିଫଳ ହୋଇଛନ୍ତି। ତେଣୁ ନିରପେକ୍ଷ ତଦନ୍ତ ପାଇଁ ବିଶ୍ୱଜିତ୍ ଦାବି କରିବା ସହ ତଦନ୍ତ ପ୍ରଭାବିତ ଆଶଙ୍କା କରି ସେ ସ୍ଥାନୀୟ ଫରେଷ୍ଟ ଗାର୍ଡ, ଫରେଷ୍ଟର ଏବଂ ରେଞ୍ଜରଙ୍କୁ ତୁରନ୍ତ ନିଲମ୍ବନ କରି ସେଠାରୁ ଅନ୍ୟତ୍ର ବଦଳି କରାଯିବା ଆବଶ୍ୟକ ବୋଲି କହିଛନ୍ତି। ତାଙ୍କ ମତରେ, ଏମାନେ ସେଠାରେ ପଦବୀରେ ରହିଲେ, ସେମାନଙ୍କ ଅଧୀନରେ ଥିବା ଅସ୍ଥାୟୀ କର୍ମଚାରୀମାନେ କେବେହେଲେ ସତ କଥା କହିବାକୁ ସାହସ କରିବେ ନାହିଁ। ହେଲେ ବନ୍ୟ ପ୍ରାଣୀ ପିସିସିଏଫ୍ ତାହା ନ କରି ଦୋଷ ଖସାଇବାକୁ ତଦନ୍ତକୁ ବାଟବଣା କରିବାକୁ ସୁଯୋଗ ଦେଉଛନ୍ତି। ଏପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଏସ୍‌ଟିଏଫ୍ ମଧ୍ୟ ତା'ର ଆଭିମୁଖ୍ୟ ଏଯାବତ ସ୍ପଷ୍ଟ କରୁ ନ ଥିବାରୁ ନିଶ୍ଚିତ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସେ ସନ୍ଦେହ କରୁଛନ୍ତି।

ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏସ୍‌ଟିଏଫ୍ ତୁରନ୍ତ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁସାରେ ମାମଲା ରୁଜୁ କରି ବାରାସିଂଘା ବିଟ୍‌ର ସମସ୍ତ ୱାଚର, ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ନରସିଂହପୁର ପଶ୍ଚିମ ରେଞ୍ଜରଙ୍କୁ ଗିରଫ କରି ପ୍ରମାଣ ନଷ୍ଟ କରିବା ଉଦ୍ୟମ ନିମନ୍ତେ ଆଇପିସିର ସମୁଚିତ ଧାରା ଲଗାଇ କୋର୍ଟ ଫରୱାର୍ଡ କରିବା ଉଚିତ। ସେଥିରେ ବନ୍ୟପ୍ରାଣୀ ଆଇନର ଧାରା ୫୭ ମଧ୍ୟ ଯୋଡ଼ିବା ଉଚିତ ବୋଲି ସେ କହିଛନ୍ତି। ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟର ପୁରବୀ ପାତ୍ର କହିଛନ୍ତି, ଆମେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଆଉ ୩ ଦିନ ସମୟ ଦେଉଛୁ। ଯଦି ସେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ନେଲେ, ଆସନ୍ତା ୧୫ତାରିଖରେ ତାଙ୍କ ଅଫିସ ଫାଟକ ବନ୍ଦ କରିବା ସହ ଧାରଣା ଦେବୁ।

## ପଞ୍ଚାୟତ ବିଜେଡି ସଭାପତିଙ୍କୁ ପୋଲିସ କଟକଣା

**କଟକ ସଦର,୧୧।୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ରବିନାରାୟଣ ଦାସ (୬୭)ଙ୍କ ଚଳପ୍ରଚଳ ଉପରେ ପୋଲିସ କଟକଣା ଲଗାଇଥିବା ଅଭିଯୋଗ ହୋଇଛି। ଚଳିତ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କନ୍ଦରପୁର ପୋଲିସ ଦଫା ୧୦୭ ଅନୁଯାୟୀ ଏକ ମାମଲା (ନଂ.୧୬୬/୨୨) କଟକ ଅତିରିକ୍ତ ଡିସିପିଙ୍କ କୋର୍ଟରେ ଦାୟର କରିଛି। ଏ ନେଇ ଗୁରୁବାର ସନ୍ଧ୍ୟାରେ ୪ଜଣ ପୋଲିସ ତାଙ୍କ ଘରକୁ ଆସି ନୋଟିସ ଜାରି କରିବା ସହ ଆସନ୍ତା ୧୬ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଘରୁ ନ ବାହାରିବା ପାଇଁ ତାଗିଦ କରିଥିଲେ। କାରଣ ସେ ପଦାକୁ ବାହାରି ନିର୍ବାଚନ ପ୍ରଚାର କଲେ ଉକ୍ତ ପଞ୍ଚାୟତରେ ରକ୍ତାକ୍ତ ସଂଘର୍ଷ ସୃଷ୍ଟି ହେବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ଏହି ନୋଟିସ୍ କଥା ସଭାପତି ଦାସ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ଜଣାଇଛନ୍ତି। ଏପରିକି ସେ ଆଉ ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ସପକ୍ଷରେ କୌଣସି ପ୍ରଚାର ଓ ଶୋଭାଯାତ୍ରାରେ ଯୋଗଦେଇପାରିବେ ନାହିଁ। ଫଳରେ ତାଙ୍କର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହୋଇଛି ବୋଲି ବିଧାୟକ ବେହେରାଙ୍କ ନିକଟରେ ସେ ଗୁହାରି କରିଛନ୍ତି। ସଭାପତି ଦାସଙ୍କ ନାମରେ ଆଜି ପର୍ଯ୍ୟନ୍ତ କୌଣସି ଥାନାରେ ଗୋଟିଏ ବି ଫୌଜଦାରି ମାମଲା ରୁଜୁ ହୋଇ ନ ଥିବା କହିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ କନ୍ଦରପୁର ଥାନା ଅଧିକାରୀ ବିପିନ ବିହାରୀ ହୋତାଙ୍କୁ ପଚାରିବାରୁ ମାମଲାଟି ଶାନ୍ତିଶୃଙ୍ଖଳା ପାଇଁ ଦାୟର କରାଯାଇଥିବା ବେଳେ ତାଙ୍କର ଚଳପ୍ରଚଳ ଉପରେ କୌଣସି କଟକଣା ଲଗାଯାଇ ନାହିଁ ବୋଲି କହିଥିଲେ।




ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଗାଡ଼କଣଠାରେ ଥିବା ଏକ ବେଆଇନ ଘରକୁ ବିଡିଏ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଉଛି।

## ସୁରକ୍ଷା ପାଚେରି ଭାଙ୍ଗି ପଶିଲା ଜଙ୍ଗଲୀ ହାତୀ

**ବାରଙ୍ଗ,୧୧।୨(ଡି.ଏନ୍.ଏ.)**

ନନ୍ଦନକାନନରେ ପୁଣି ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶିଛନ୍ତି ଚନ୍ଦକା ଜଙ୍ଗଲର ଦୁଇଟି ହାତୀ। ଗୁରୁବାର ବିଳମ୍ବିତ ରାତିରେ ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶି ଆସିଥିବାର ଜଣାପଡ଼ିଛି। ପରିସରରେ ପଶି ଏଣେତେଣେ ବୁଲି ବୋଟ୍ ଘାଟ ପାଖ ପମ୍ପଘର ପଛପଟେ ଲାଗିଥିବା କଦଳୀ ଗଛଗୁଡିକୁ ଭାଙ୍ଗି ଖାଇଦେଇଛନ୍ତି ଏହି ଦୁଇ ହାତୀ। ଏହାସହ ଶିଶୁ ରେଳଗାଡ଼ି ରେଳଧାରଣା ଉପରେ ଚାଲି ଚାଲି ବାଘ ସଫାରି ଦେଇ ହମିରାଟାଙ୍ଗୀ ଜଙ୍ଗଲ ଭିତରେ ପଶିରହିଛନ୍ତି। ସିକ୍ୟୁରିଟି ବିଭାଗର ଜଗୁଆଳମାନେ ରାତିରେ ନନ୍ଦନକାନନ ଭିତରେ ଜଗୁଥିଲେ ମଧ୍ୟ ହାତୀ ବିଷୟରେ ଜାଣିପାରିନାହାନ୍ତି। ଶୁକ୍ରବାର ସକାଳେ କଦଳୀ ଗଛଗୁଡିକ ଭାଙ୍ଗିଥିବାର ଜାଣି ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ ପରେ ଜଙ୍ଗଲୀ ହାତୀ ପଶିଥିବାର ଜାଣିବାକୁ ପାଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଖବର ପାଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଏକ ଟିମ୍ ନନ୍ଦନକାନନ ଟିମ୍ ସହ ମିଶି ହାତୀଦ୍ୱୟକୁ ଘଉଡାଇବା ପାଇଁ ଦିନସାରା ଚେଷ୍ଟା କରିଥିଲେ ମଧ୍ୟ ସେମାନେ ହମିରାଟାଙ୍ଗୀ ଜଙ୍ଗଲ ଭିତରୁ ପଦାକୁ ବାହାରି ନ ଥିଲେ। ପୁଣି ରାତିରେ ହାତୀ ଘଉଡ଼ାଇବା ଅଭିଯାନ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ଅଫ୍‌ଲାଇନ୍ ପରୀକ୍ଷା ବାତିଲ ଦାବିରେ ବିକ୍ଷୋଭ

**କଟକ ଅଫିସ,୧୧।୨**

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍‌ଏଲୟୁ)ରେ ଅଫଲାଇନ (ଶ୍ରେଣୀଗୃହ) ପରୀକ୍ଷାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ଶୁକ୍ରବାର ମିଡ୍ ସେମିଷ୍ଟର ୨୦ ମାର୍କର ଅଫଲାଇନ ପରୀକ୍ଷାକୁ ବିରୋଧ କରି ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଳପତି କମଲଜିତ୍ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୩ ବର୍ଷୀୟା ଏଲ୍‌ଏଲ୍‌ବି ପାଠ୍ୟକ୍ରମର ପ୍ରଥମ, ତୃତୀୟ ଓ ପଞ୍ଚମ ସେମିଷ୍ଟର, ୫ ବର୍ଷୀୟା ବିଏଏଲ୍‌ଏଲ୍‌ବି ପାଠ୍ୟକ୍ରମର ପ୍ରଥମ, ତୃତୀୟ, ପଞ୍ଚମ, ସପ୍ତମ ଓ ନବମ ସେମିଷ୍ଟର ୨୦ ମାର୍କର ଅଫଲାଇନ ପରୀକ୍ଷା ଆସନ୍ତା ୧୪ରେ କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପରୀକ୍ଷା ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗତ ୯ ତାରିଖରେ ବିଜ୍ଞପ୍ତି ଜାରି କରିଥିଲେ। ତେବେ ହଠାତ୍ ପରୀକ୍ଷା ତାରିଖ ଘୋଷଣା ହୋଇଥିବାରୁ ଛାତ୍ରୀଛାତ୍ରମାନେ ଏଭଳି ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି। ଅଫ୍‌ଲାଇନ ବଦଳରେ ଅନ୍‌ଲାଇନ ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ନହେଲେ ପରୀକ୍ଷା କିଛି ଦିନ ପାଇଁ ସ୍ଥଗିତ କରାଯାଉ । ଯେପରି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପ୍ରସ୍ତୁତି କରିବାକୁ ଅଧିକ ସମୟ ମିଳିପାରିବ। ଏହି ବିକ୍ଷୋଭରେ ବିଶ୍ୱରାଜ ରାଉଳ, ଅଂଶୁମାନ ବିଶ୍ୱାଳ, ସ୍ୱସ୍ତିକ ମହନ୍ତ, ସୁମନ୍ତ ମଲ୍ଲିକ, ପ୍ରଦୀପ୍ତ ବେହେରା, ସାର୍ଥକ ଅଭିନନ୍ଦନ ରାୟ ପ୍ରମୁଖ ଉପସ୍ଥିତଥିଲେ ।

## 'ମାଟି ମୂର୍ତ୍ତି ମିହିରଙ୍କ ସ୍ମୃତିକୁ ସର୍ବଦା ସତେଜ ରଖିବ'

**ମାଟିର ମଣିଷ ମିହିର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

**କଟକ ଅଫିସ,୧୧।୨**

ଲୋକପ୍ରିୟ ଅଭିନେତା ମିହିର ଦାସଙ୍କ ୬୩ତମ ଜୟନ୍ତୀ ଅବସରରେ କଟକର ମୂର୍ତ୍ତି କାରିଗରମାନଙ୍କ ପକ୍ଷରୁ ଶୁକ୍ରବାର ନିଆରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ କଟକ ଶିଳ୍ପୀ କୁମ୍ଭାରସାହିରେ ମିହିର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହାକୁ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ଅଭିନେତା କୁନା ତ୍ରିପାଠୀ ଉନ୍ମୋଚନ କରି କହିଥିଲେ, ଦିନେ ଅଭିନୟରେ ମାଟି କାରିଗର ଚରିତ୍ର ନିଭାଇ ଥିବା ମଣିଷଟି ଆଜି ମାଟିରେ ମିଶି ଯାଇଛି ସତ, ହେଲେ ତାଙ୍କ କଳା ଆଜି ତାଙ୍କୁ ଜୀବିତ କରି ରଖିଛି। ଏହି ପ୍ରତିମୂର୍ତ୍ତି ସହ ଚଳଚ୍ଚିତ୍ର ଜଗତର ବରିଷ୍ଠ କଳାକାରମାନଙ୍କର ଏଭଳି ପ୍ରତିମୂର୍ତ୍ତି ତିଆରି କରି କଳିଙ୍ଗ ଷ୍ଟୁଡିଓରେ ରଖିବା ପାଇଁ ଆଲୋଚନା ଚାଲିଛି ବୋଲି ସେ କହିଛନ୍ତି। ଏଥିରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ କହିଥିଲେ, ମିହିର ଦାସ ଜଣେ ଏଭଳି ପ୍ରତିଭା ଯିଏ କି ସିନେମା ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଏହି ମୂର୍ତ୍ତି କଟକ ତଥା ସିନେମା ଜଗତ ପାଇଁ ଏକ ବଡ଼ ଅବଦାନ ବୋଲି ସେ କହିଥିଲେ। ସେହିପରି ଅଭିନେତା ଶ୍ରୀତମ ଦାସ କହିଥିଲେ, ଏହି ମାଟି ମୂର୍ତ୍ତି ମିହିରଙ୍କ ସ୍ମୃତିକୁ ସର୍ବଦା ସତେଜ ରଖିବ। ଏହି କାର୍ଯ୍ୟକ୍ରମରେ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, କଟକ ଡିସିପି ପ୍ରତୀକ୍ ସିଂ, ବିଧାୟକ ମହମ୍ମଦ ମୋକିମ, ଦେବେନ୍ଦ୍ର ସାହୁ, ଅମ୍ଳାନ ଦାସ, ଶିଳ୍ପୀ ଲକ୍ଷ୍ମୀଧର ମୁଦୁଲି ଓ ଦେବେନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତଥିଲେ। ସୂଚନାଯୋଗ୍ୟ, ୭ ଫୁଟ୍‌ର ଏହି ମୂର୍ତ୍ତି ନିର୍ମାଣ ପାଇଁ ୧୫ ଜଣ କାରିଗର ନିୟୋଜିତ ହୋଇଥିଲେ। ମାଟିରେ ତିଆରି ହୋଇଥିବା ମୂର୍ତ୍ତିଟି ଜୀବନ୍ତ ପରି ଦୃଶ୍ୟମାନ ହେଉଛି।



"୨୦୧୨ରେ ମିହିର ଦାସଙ୍କ ମାଟିର ବନ୍ଧନ ସିନେମା ପ୍ରସ୍ତୁତ କରାଯାଇଥିଲା। ସେଥିରେ ସେ ଏକ ମାଟି କାରିଗରର ଭୂମିକା ନିଭାଇଥିଲେ। ହେଲେ ଏପର୍ଯ୍ୟନ୍ତ ଉକ୍ତ ଚଳଚ୍ଚିତ୍ରଟି ରିଲିଜ୍ ହୋଇପାରିନାହିଁ। ଉକ୍ତ ଚଳଚ୍ଚିତ୍ରରେ କୁମ୍ଭାରସାହିର କେତେଜଣ କୁମ୍ଭକାର ଅଭିନୟ କରିଥିଲେ। ସେବେଠାରୁ ମିହିରଙ୍କର ଶିଳ୍ପୀ କୁମ୍ଭାର ସାହି ସହ ସମ୍ପର୍କ ଗଢିଉଠିଥିଲା। ସେହି ଉଦ୍ଦେଶ୍ୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏପରି ପ୍ରସ୍ତୁତି କରାଯାଇଛି ।

**କେଦାର ବେହେରା, ଶିଳ୍ପୀ**



"ମାଟିରେ ବିଭିନ୍ନ କଳାକୃତି କରି ବିକିବା ପରେ ପରିବାର ପ୍ରତିପୋଷଣ କରିଥାଉ। ତେବେ ମିହିର ଦାସଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ରଟି କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସେ ଏବେ ଆମ ଗହଣରେ ନାହାନ୍ତି। ସେଥିପାଇଁ ଏପରି ଏକ ନିଆରା ପ୍ରୟାସ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଆମେ ଚାହୁଁଛୁ ।

**କୈଳାସ ଚନ୍ଦ୍ର ରଣା, ଶିଳ୍ପୀ**

## ଆବାସ ବଣ୍ଟନରେ ଦୁର୍ନୀତି ଅଭିଯୋଗ

**କଟକ ଅଫିସ, ୧୧।୨**

**ଭିଜିଲାନ୍ସ ତଦନ୍ତ ଦାବି**

ରାଜ୍ୟ ସରକାର ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ରହିବା ପାଇଁ ଆବାସ ଯୋଜନା କରିଛନ୍ତି। ହେଲେ ଉକ୍ତ ଆବାସ ପ୍ରକୃତ ହିତାଧିକାରୀ ପାଉନାହାନ୍ତି। କଟକ ମହାନଗର ନିଗମ ଅଞ୍ଚଳର କେତେକ ସ୍ଥାନରେ ରାଜନେତା ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ବଣ୍ଟନ ହେବାର ଦେଖାଦେଇଛି ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନର କଟକ ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ଏଣୁ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ଖାନ୍‌ନଗରସ୍ଥିତ କାଳୀଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାହୁ ଦାବି କରିଛନ୍ତି। ସେ କହିଛନ୍ତି, କଟକ ମହାନଗର ନିଗମରେ ୨୦୦୫ରୁ ୨୦୨୧ ମସିହା ସୁଦ୍ଧା ମୋଟ୍ ୨୫୩୨ ହିତାଧିକାରୀଙ୍କୁ ଆବାସ ଦିଆଯାଇଥିବା ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ମାତ୍ର ଆର୍‌ଟିଆଇରେ ୱାର୍ଡୱାରୀ ତଥ୍ୟ ଦିଆଯାଇନାହିଁ। ୱାର୍ଡୱାରୀ ତଥ୍ୟ ଦେଇଥିଲେ ହୋଇଥିବା ଦୁର୍ନୀତି ଲୋକଲୋଚନକୁ ଆସିଯିବ ବୋଲି ଏଭଳି କରାଯାଇଛି। ସେହିପରି ପ୍ରାୟ ୫୫ ପ୍ରତିଶତ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିବା, ୨୫ ପ୍ରତିଶତ ଛାତ, ଅନେକ ହିତାଧିକାରୀ ଘର ଫାଉଣ୍ଡେଶନ, କେତେକ କାର୍ଯ୍ୟ ଆରମ୍ଭ କରି ନ ଥିବା ଓ କେତେଜଣ ହିତାଧିକାରୀ ଆବାସ କରିଛନ୍ତି କି ନାହିଁ ତାହାର ତଥ୍ୟ ଦିଆଯାଇ ନାହିଁ। ଅନ୍ୟପକ୍ଷରେ କେତେକ ସ୍ଥାନରେ ଠିକାଦାରଙ୍କ ମାଧ୍ୟମରେ ନିମ୍ନମାନର ଘର ନିର୍ମାଣ କରାଯାଇଥିବା ନେଇ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତି ଓ ଅନିୟମିତତା ଲୋକଲୋଚନକୁ ଆସିପାରିବ। ଏଥିସହ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଏବଂ ରାଜନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାହୁ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୋ କଟକ ସୁରକ୍ଷା ମଞ୍ଚ ସଭାପତି ଅକ୍ଷୟ ପଣ୍ଡା, ଉପସଭାନେତ୍ରୀ ରଶ୍ମିତା ସାହୁ, ସାମାଜିକ କର୍ମୀ କ୍ଷୀରୋଦ କୁମାର ସାହୁ, ବ୍ୟୋମକେଶ କାନୁନ୍‌ଗୋ, ଅଶ୍ୱିନୀ ମହାରଣା, ଶ୍ରମିକ ନେତା ହୃଦାନନ୍ଦ ପଟ୍ଟନାୟକ, ସୂଚନା ଅଧିକାର କର୍ମୀ ଜ୍ଞାନରଞ୍ଜନ ଭୂୟାଁ, ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱରର ବ୍ରହ୍ମେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ 'ବ୍ରହ୍ମେଶ୍ୱର କପ୍'ର ଶୁକ୍ରବାର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଆଇଆର୍‌ସି (ନୟାପଲ୍ଲୀ) ଓ ରକ୍ ଷ୍ଟାର୍ (କଟକ)ଟିମ୍‌ର ଖେଳାଳିମାନେ।



କଟକ ଶିଳ୍ପୀ କୁମ୍ଭାରସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଭିନେତା ମିହିର ଦାସଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅଭିନେତା କୁନା ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।



ଏକାତ୍ମ ମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୪ତମ ବଳିଦାନ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଫେବୃୟାରୀ, ୨୦୨୨

**ବିଶ୍ୱଶାନ୍ତି ମହାଯଜ୍ଞର କଳସଯାତ୍ରା** | କଣାସ,(ସ୍ୱ.ପ୍ର)- କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ସାହସପୁର ଗ୍ରାମରେ ଆରାଧ୍ୟ ଠାକୁର ବାବା ଗଡିଶ୍ୱର ଦେବ ପୀଠରେ ୪୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାରଠାରୁ ଅନୁଷ୍ଠିତ ହୋଇଯାଇଛି। ତେବେ ଶୁକ୍ରବାର ମହାଯଜ୍ଞର କଳସ ଯାତ୍ରା ହୋଇଥିଲା। ସେଥିରେ ଗ୍ରାମର ମହିଳା ଓ ପୁରୁଷମାନେ ମକରା ନଦୀଠାରୁ କଳସରେ ଜଳ ଆଣି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ସହଯୋଗ କରିଛନ୍ତି। ଏହି ମହାଯଜ୍ଞ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।






୧୧।୨।୨୦୨୨

| | |
|---|---|
| ୩,୧୭,୯୯୨ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ |
| ରୁପା | ୩୧.୨୦୦ ଗ୍ରାମ |

# ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ

**ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗ**

ପୁରୀ ଅଫିସ,୧୧।୨:

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ଉଭୟ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ତଥ୍ୟ ଦେବାକୁ ପଛାଉଛନ୍ତି। ଏ ନେଇ ସୂଚନା ଅଧିକାର ଆଇନ ବଳରେ କୌଣସି ତଥ୍ୟ ମଗାଗଲେ, ପ୍ରଶାସନ ପକ୍ଷରୁ ତଥ୍ୟ ନାହିଁ ବୋଲି କୁହାଯାଉଛି। ଚାବି ହଜିବା, ନକଲି ଚାବି ମିଳିବା ଓ ଏହାକୁ ପୁଣି ଟ୍ରେଜେରିରେ ରଖାଯିବା ପ୍ରକ୍ରିୟା ମଧ୍ୟରେ ଘଟିଥିବା ଘଟଣା ନେଇ ପ୍ରଶାସନ ଦସ୍ତାବିଜ ଯୋଗାଇପାରୁନାହିଁ। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ୍‌ଙ୍କୁ ନକଲି ଚାବି କିଏ ଦେଇଥିଲେ, ତାହାକୁ ଜିଲାପାଳ ନିଜ ପାଖରେ କେତେଦିନ ରଖିଥିଲେ, କେଉଁ ଅଧିକାରୀଙ୍କ ନିକଟରେ ଦାଖଲ କଲେ ପ୍ରଭୃତି ପ୍ରଶ୍ନର ଉତ୍ତର ଦେବାକୁ ଜିଲା ପ୍ରଶାସନ ଚାହୁଁନାହିଁ। ଏହାକୁ ଜଗନ୍ନାଥପ୍ରେମୀ ଗ୍ରହଣ କରିପାରୁନାହାନ୍ତି। ପ୍ରଶାସନର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି।

ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ୧୯୫୬ରୁ ୧୯୭୯ ମସିହା ପର୍ଯ୍ୟନ୍ତ ରତ୍ନଭଣ୍ଡାର ଖୋଲାଯିବା ସମ୍ପର୍କିତ ତଥ୍ୟ ରେକର୍ଡ ରୁମ୍‌ରେ ଲେଖା ହୋଇଛି। ଏହାପରଠାରୁ ତଥ୍ୟ କୁଆଡ଼େ ଗଲା। ରତ୍ନଭଣ୍ଡାର ଚାବି ଘଟଣାରେ ସରକାରଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଜିଲାପାଳ ସେ ସମୟରେ ମିଛ କହିଥିବା ସନ୍ଦେହ ହେଉଛି। ତଥ୍ୟ ନାହିଁ ଅର୍ଥ ଘଟଣା ମିଛ। ପ୍ରଶାସନ ଯଦି ସତ୍ୟ କହିଛି ତେବେ ତଥ୍ୟ ଦେଉ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ରତ୍ନଭଣ୍ଡାର ପ୍ରସଙ୍ଗରେ ସରକାର ଅନେକ ମିଛ କହିଛନ୍ତି। ମିଛକୁ ଘୋଡ଼ାଇବାକୁ ଯାଇ ଆହୁରି ମିଛ କହୁଛନ୍ତି। ତଥ୍ୟ ଜାଣିବା ସବୁବେଳେ ସର୍ବସାଧାରଣଙ୍କ ଅଧିକାର। ଏହାକୁ ଲୁଚାଇବା ଉଚିତ୍ ନୁହେଁ। ଅନ୍ୟପକ୍ଷରେ ଏ ନେଇ ପବ୍ଲିକ୍ ଇନଫର୍ମେଶନ୍ ଅଫିସର ତଥା ଡେପୁଟି କଲେକ୍ଟର ର୍‍ୟାଙ୍କ ଅଧିକାରୀ ଗୋପୀନାଥ ମିଶ୍ର କହିଛନ୍ତି, ତଥ୍ୟ ବିଭିନ୍ନ ବିଭାଗରୁ ଆସେ। ବିଭାଗୀୟ ଅଧିକାରୀମାନଙ୍କଠାରୁ ତଥ୍ୟ ଆଣି ଉପଲବ୍ଧ କରିବା ଆମ ଦାୟିତ୍ୱ। ବିଭାଗ ନିକଟରେ କାହିଁକି ତଥ୍ୟ ନାହିଁ ସେ ସମ୍ପର୍କରେ ସମ୍ପୃକ୍ତ ବିଭାଗ ଭଲ ଭାବେ କହିପାରିବ। ସୂଚନା ଅଧିକାର ଆଇନ ବଳରେ ଆସୁଥିବା ଆବେଦନର ତଥ୍ୟ ଯୋଗାଇବାରେ ଏକ ମାଧ୍ୟମ ଭାବେ ଆମେ କାମ କରୁଛୁ ବୋଲି ମିଶ୍ର ପ୍ରକାଶ କରିଛନ୍ତି।



ସମ୍ରାଟ ସେଇ କଳାର ପୂଜାରୀ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ପରିବେଷିତ ନାଟକ 'ଯୋଡ଼ା ଯାଁଳା'ର ଏକ ଦୃଶ୍ୟ।

## ବିଜେଡିରେ ସାମିଲ ହେଲେ କଂଗ୍ରେସ କର୍ମୀ

ଗୋପ, ୧୧।୨(ଡି.ଏନ୍.ଏ.)

ନିର୍ବାଚନ ସମୟ ଆସିଲେ ବିରୋଧୀ ଦଳର ନେତା ଓ କର୍ମୀ ଅନେକ ସମସ୍ୟାକୁ ସାଧାରଣ ଲୋକଙ୍କ ନିକଟକୁ ନେଇଥାଆନ୍ତି। କିନ୍ତୁ ଆମ ଦଳରେ ସମସ୍ତେ ଶୃଙ୍ଖଳିତ ହୋଇଥିବାବେଳେ ଯାହାକିଛି ଯେତେବେଳେ ବି ଅଭିଯୋଗ ଆସିଲେ ଗାଁ ମୁଣ୍ଡରେ ଏକାଠି ହୋଇ ଏହିସବୁ ସମସ୍ୟାର ସମାଧାନ ହୋଇଥାଏ ବୋଲି ଗୋପ ଅଞ୍ଚଳରେ ହେଉଥିବା ଏକ ମିଶ୍ରଣ ପର୍ବରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗତ ଦୁଇଦିନ ପୂର୍ବରୁ ଗୋପ ୱାର୍ଡ ନମ୍ବର ୪, ୫, ୬, ୧୫ର ଶତାଧିକ କଂଗ୍ରେସ କର୍ମୀ ବିଜେଡିର କାର୍ଯ୍ୟଧାରାକୁ ଦେଖି ସାମିଲ ହୋଇଥିଲେ। ଗୁରୁବାର ପୁଣି ଏହି ୪ଟି ୱାର୍ଡର ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। କଂଗ୍ରେସ ଦଳର ପୂର୍ବତନ ୱାର୍ଡସଭ୍ୟ ଶେଖ୍ କଲାମ ମୁଲ୍ଲା, ଶେଖ୍ ଜାହିଁ ତୁଲ୍ଲା, ଶେଖ୍ ଉମରାନ ତୁଲ୍ଲା, ଶେଖ୍ ୟାକୁବ, ସାବି ଖାଁଙ୍କ ସହିତ ଶତାଧିକ କର୍ମୀ ବିଜେଡିକୁ ଆସିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋପ ପଞ୍ଚାୟତ ସଭାପତି ପ୍ରତାପ ପରିଡ଼ା, ଶେଖ୍ ମୁସ୍ତାକ ଅଲ୍ଲି, ଶେଖ୍ ସର୍ଫରାଜ ତୁଲ୍ଲା, ଶେଖ୍ ଅବ୍ଦୁଲ ରହୁଫ, ସିତାଫ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ

କୋଣାର୍କ, ୧୧।୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନମୁଦ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଶ୍ରୀଜଗନ୍ନାଥ ଟ୍ରଷ୍ଟବୋର୍ଡ ଆନୁକୂଲ୍ୟରେ ପ୍ରତ୍ୟୁଷରୁ ଇନ୍ଦ୍ର ଇନ୍ଦ୍ରାଣୀ ପୂଜା, ନୃସିଂହ ପୂଜା ଓ ଆହୁତି, ବାସୁଦେବ ପୂଜା କରାଯାଇଥିଲା। ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ମୁକ୍ତ ହସ୍ତରେ ନବରତ୍ନ, ଅଷ୍ଟଧାତୁ ଓ ପଞ୍ଚଶସ୍ୟ ଇତ୍ୟାଦି ରତ୍ନଗର୍ଭରେ ପ୍ରଦାନ କରିଥିଲେ। ପଣ୍ଡିତ ବଳରାମ ଶତପଥୀ, ନିରଞ୍ଜନ ପତି ଓ ପୂଜକ ପ୍ରହ୍ଲାଦ ଦାସଙ୍କ ପ୍ରମୁଖ ଯଜ୍ଞାଦି କାର୍ଯ୍ୟ ସମାପନ କରିଥିଲେ। କାର୍ଯ୍ୟକ୍ରମରେ ଲୋକାୟୁକ୍ତ ତଥା ଅବସରପ୍ରାପ୍ତ ବିଚାରପତି ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ଟ୍ରଷ୍ଟବୋର୍ଡର ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପରିଚାଳକ ନିରଞ୍ଜନ ବାରିକ ଓ ଟ୍ରଷ୍ଟବୋର୍ଡର ସଦସ୍ୟମାନେ ପରିଚାଳନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଳଙ୍ଗା, ୧୧।୨(ଡି.ଏନ୍.ଏ.)

ବଳଙ୍ଗା ଥାନା ଦୁର୍ଗାପୁର ଗ୍ରାମ ନିକଟସ୍ଥ ଏକ ଗଛରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ଉକ୍ତ ଗ୍ରାମର ବିଜୟ ସ୍ୱାଇଁ (୩୫)। ଏ ନେଇ ପୋଲିସ ଏକ ମାମଲା (ନଂ.୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିଜୟ ପରିବାର ସହ ଏହି ଗ୍ରାମରେ ରୁହନ୍ତି। ତେବେ ଗୁରୁବାର ସନ୍ଧ୍ୟାରେ ସେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ରାତି ସୁଦ୍ଧା ବିଜୟ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଗ୍ରାମର କେତେଜଣ ବ୍ୟକ୍ତି ସେହି ରାସ୍ତାରେ ଯିବାବେଳେ ଏକ ଆମ୍ବଗଛରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ନିକଟକୁ ଯିବାବେଳେ ତାହା ବିଜୟଙ୍କ ମୃତଦେହ ବୋଲି ଜାଣି ତାଙ୍କ ସ୍ତ୍ରୀ ସବିତା ଓ ପୋଲିସକୁ ଜଣାଇଥିଲେ। ପୋଲିସ ଟିମ୍ ସହ ପହଞ୍ଚି ଝୁଲନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ପରେ ବିଜୟଙ୍କ ସ୍ତ୍ରୀ ସବିତା ଥାନାରେ ଏକ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରଭୁ ପ୍ରକାଶ



@ ଆକାଶ



@ ଦାନୁ



@ ବିକ୍ରମ



@ ସ୍ୱପ୍ନା



@ ମିଳନ

### ସଂକ୍ଷେପରେ

## ଦଳ ବିରୋଧୀ କାର୍ଯ୍ୟ କରି ବିଜେଡିରୁ ବହିଷ୍କୃତ

କାକଟପୁର,୧୧।୨(ଡି.ଏନ୍.ଏ.)- କାକଟପୁର ବ୍ଲକ ନାସିକେଶ୍ୱର ଗ୍ରାମର ସକ୍ରିୟ କର୍ମୀ ରଞ୍ଜନ କୁମାର ଦୀକ୍ଷିତଙ୍କୁ ଶୁକ୍ରବାର ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି । ଏ ସମ୍ପର୍କରେ କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ରଞ୍ଜନ ବିଜେଡିର କର୍ମୀ ଭାବେ କାର୍ଯ୍ୟଭାର ତୁଲାଇ ଆସୁଥିଲେ। କିନ୍ତୁ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ଦଳ ବିରୋଧୀ କାର୍ଯ୍ୟ କରିଥିଲେ। ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଦୀକ୍ଷିତ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ତେବେ ରଞ୍ଜନ କଂଗ୍ରେସ ସପକ୍ଷରେ ପ୍ରଚାର କରୁଥିବାରୁ ବିଜେଡି ତାଙ୍କୁ ବହିଷ୍କାର କରିଛି ବୋଲି ବ୍ଲକ ସଭାପତି ମଲ୍ଲିକ କହିଛନ୍ତି।

## ମତଦାନ ସୁପରିଚାଳନା ପାଇଁ ଜିଲାପାଳଙ୍କ ଅପିଲ୍

ପୁରୀ ଅଫିସ,୧୧।୨: ଆସନ୍ତା ୧୬, ୧୮, ୨୦, ୨୨ ଓ ୨୪ ତାରିଖରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସମର୍ଥ ବର୍ମା ପୋଲିଂ ପାର୍ଟିମାନଙ୍କୁ ଅପିଲ୍ କରିଛନ୍ତି। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଧାର୍ଯ୍ୟ ସମୟରେ ସଂପୃକ୍ତ ବ୍ଲକଗୁଡ଼ିକରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ପଞ୍ଚାୟତିରାଜ ନିର୍ବାଚନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନ ହେବ। ସ୍ୱଚ୍ଛ ଓ ଅବାଧ ମତଦାନ ଲାଗି ପଦକ୍ଷେପ ନେବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଠିକ ସମୟରେ ଗାଡ଼ି ଯୋଗାଇବାକୁ ଗାଡ଼ିମାଲିକମାନଙ୍କୁ କୁହାଯାଇଛି।

## ଆଶ୍ରମ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଣାସ,୧୧।୨(ସ୍ୱ.ପ୍ର)- ଚାଇଲ୍ଡ ଆଣ୍ଡ ଉଇମେଣ୍ଟ ଡେଭ୍‌ଲପମେଣ୍ଟ ସୋସାଇଟି ଓ ସେଣ୍ଟ୍ରାଲ ଆୟୁର୍ବେଦିକ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ମିଳିତ ଆନୁକୂଲ୍ୟରେ କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ଆଶ୍ରମର ଅନ୍ତେବାସୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଠାରେ ରହୁଥିବା ବୃଦ୍ଧାବୃଦ୍ଧ, ମାନସିକ ଅନଗ୍ରସର, ଦୃଷ୍ଟିହୀନ, ବାକ୍‌ଶକ୍ତିହୀନ, ଶ୍ରବଣବାଧିତ, ବାଳାଶ୍ରମ, ଅସହାୟ ମହିଳା, ଉଜାଲା ଓ ସ୍ୱାଧାରରେ ରହୁଥିବା ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ଡାକ୍ତରୀ ପରୀକ୍ଷା କରିବା ସହ ଔଷଧ ଦିଆଯାଇଥିଲା। ଏହାସହ ୩ ଶହ ମହିଳାଙ୍କୁ ଶାଢ଼ି ବଣ୍ଟନ ହୋଇଥିଲା। ସିଡବ୍ଲ୍ୟୁଏସ୍‌ର ଅଧକ୍ଷା ମେଜର୍ ଡ. କଳ୍ପନା ଦାସଙ୍କ ଅଧକ୍ଷତାରେ ସେଣ୍ଟ୍ରାଲ ଆୟୁର୍ବେଦିକ ଇନ୍‌ଷ୍ଟିଚ୍ୟୁଟ୍‌ର ୨ଜଣ ଡ. ପି. ଓଝା ଓ ଡ. କ୍ରିଷ୍ଣା ରାଓ ଯୋଗଦେଇ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଣ୍ଟ୍ରାଲ ଆୟୁର୍ବେଦିକ ନିର୍ଦ୍ଦେଶକ ଡ. ଏମ୍. ଏମ୍. ରାଓ କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଅନ୍ତବାସୀମାନଙ୍କୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ନିଶଙ୍କ ପରିଚାଳନା କରିଥିଲେ।

# ନିର୍ବାଚନରେ ନିୟୋଜିତ ହେବ ୧୪୦ରୁ ଊର୍ଦ୍ଧ୍ୱ ବସ୍

ପୁରୀ ଅଫିସ,୧୧।୨:

ପୁରୀ ଜିଲାରେ ଆସନ୍ତା ୧୬ତାରିଖରୁ ମତଦାନ ପର୍ଯ୍ୟାୟ ଆରମ୍ଭ ହେଉଛି। ଏଥିଲାଗି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗାଡ଼ି ନିୟୋଜନ ନେଇ ପ୍ରସ୍ତୁତି ସରିଛି। ଆସନ୍ତା ୧୪ ତାରିଖରେ କଣାସକୁ ୩୧, ବ୍ରହ୍ମଗିରିକୁ ୨୮ଟି ଛୋଟ କାର୍ ଯିବ। ସେହିପରି ୧୬ ତାରିଖରେ ନିମାପଡ଼ାକୁ ୩୬, ଗୋପକୁ ୩୪ ଓ କୃଷ୍ଣପ୍ରସାଦକୁ ୭ଟି କାର୍ ବ୍ୟବସ୍ଥା ହୋଇଛି। ୧୮ ତାରିଖରେ ପୁରୀ ସଦରକୁ ୩୨ ଓ ସତ୍ୟବାଦୀକୁ ୨୭, ୨୦ ତାରିଖରେ ଡେଲାଙ୍ଗକୁ ୨୪ ଓ ପିପିଲିକୁ ୨୯ଟି କାର୍ ଯିବ। ୨୨ ତାରିଖରେ କାକଟପୁରକୁ ୨୪ ଓ ଅସ୍ତରଙ୍ଗକୁ ୧୯ଟି କାର୍ ଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ ସୂଚନା ଦେଇଛନ୍ତି। ସେହିଭଳି ୩୦ଟି ମଧ୍ୟମ ଧରଣର କାର୍ ବିଭିନ୍ନ ବ୍ଲକ୍‌କୁ ଯିବ। ଏହାବ୍ୟତୀତ ୧୩ରୁ ୨୦ ଜଣ ଯାତ୍ରୀ ବସିପାରୁଥିବା ୨୬୦ଟି ଯାନ ଏବଂ ଅନ୍ୟ ୨୨୯ଟି ଗାଡ଼ି ନିର୍ବାଚନ ଦିନ କାର୍ଯ୍ୟକ୍ଷମ ରହିବ। ସେହିପରି ୧୪୦ ରୁ ଊର୍ଦ୍ଧ୍ୱ ବସ୍ ମଧ୍ୟ ନିୟୋଜିତ ରହିବ। ସମ୍ପୃକ୍ତ ଗାଡ଼ିମାଲିକମାନଙ୍କୁ ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡ୍ୟୁଟିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି।

# ଡକାୟତି ଯୋଜନା ବେଳେ ୬ ଗିରଫ

ପୁରୀ ଅଫିସ, ୧୧।୨:

ଡକାୟତି ପାଇଁ ଯୋଜନା କରୁଥିବାବେଳେ ୬ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ଷଣ୍ଢଯାଗା ନିକଟ ଝୁଣ୍ଟିଆ କଲୋନୀରେ ରହୁଥିବା ସଦର ଥାନା ହରେକୃଷ୍ଣପୁର ରାହାଗିରିଆର କୃଷ୍ଣଚନ୍ଦ୍ର ପଲେଇ ଓରଫ କାଳିଆ, ଟାଉନ ଥାନା ଅଧୀନ ଲୋକନାଥ ରୋଡ୍ ସାଗର ପଡ଼ିଆର ମଙ୍ଗୁଳି ବାରିକ, ହରଚଣ୍ଡୀ ସାହି ନାଗାମଠ ଲେନ୍‌ର ନାରାୟଣ ପଣ୍ଡା ଓରଫ ପପୁ, ବାସେଳିସାହି ଥାନା ଅନ୍ତର୍ଗତ ଭଜଯାଗା ନିକଟ ତ୍ରିବେଦୀ ନଗରର ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ଓରଫ କାହ୍ନା, ସଦର ଥାନା ଅଧୀନ ଖଣ୍ଡିଆବନ୍ଧ ଅଞ୍ଚଳର ସୁକାନ୍ତ ସ୍ୱାଇଁ ଓରଫ ବଚନ ଏବଂ ଟାଉନ ଥାନା ଅନ୍ତର୍ଗତ ଚୂଡ଼ଙ୍ଗସାହି ବଡୁ ମହାପାତ୍ର ଯାଗା ଅଞ୍ଚଳର ସୂର୍ଯ୍ୟପ୍ରସାଦ ମହାପାତ୍ର। ଏମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ୯ ଏମ୍‌ଏମ୍‌ର ଗୁଳି, ଗୋଟିଏ କଟୁରି, ଗୋଟିଏ ପଲ୍‌ସର ମୋଟର ସାଇକେଲ ଏବଂ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୬/୨୨) ରୁଜୁ କରିଛି। ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାସ କହିଛନ୍ତି, ଗୁରୁବାର ବିଳମ୍ବିତ ରାତିରେ ବାରବାଟୀ ପାର୍କ ପଛପାର୍ଶ୍ୱ ଜଙ୍ଗଲରେ କେତେଜଣ ଦୁର୍ବୃତ୍ତ ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ର ସହ ଲୋକନାଥ ରୋଡ୍ ଅଞ୍ଚଳର ବ୍ୟବସାୟୀମାନଙ୍କ ଠାରୁ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ଟାଉନ ଥାନା ପୋଲିସ ଓ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ୬ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ମାରଣାସ୍ତ୍ର ଜବତ କରିଥିଲା। ପୋଲିସ ପଚରାଉଚରା କରିବାରୁ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ।



**ପିସ୍ତଲ, ଗୁଳି, କଟୁରି, ମୋବାଇଲ ଫୋନ୍ ଜବତ**

# ଓୟୁଏଟି ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପ୍ରାଣୀ ପ୍ରସୂତିବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବାସନ୍ତୀ ଜେନା(୩୭)ଙ୍କ ଗୁରୁବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଖଣ୍ଡଗିରି ଥାନା ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହକୁ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡିଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି। ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସାଦ ଦାଶ ଓୟୁଏଟିର ଭେଟେରିନାରି ପାଥୋଲୋଜିବିଭାଗରେ ପ୍ରଫେସର ଅଛନ୍ତି। ଉଭୟଙ୍କର ଏକ ୬ବର୍ଷର ପୁଅ ଥିବାବେଳେ ସପରିବାର ଓୟୁଏଟିସ୍ଥିତ କ୍ୱାର୍ଟରରେ ରୁହନ୍ତି। ଦେବୀପ୍ରସାଦଙ୍କ କହିବା ମୁତାବକ, ଗୁରୁବାର ରାତି ପ୍ରାୟ ୮ଟାବେଳେ ସେ ତାଙ୍କ ପୁଅକୁ ବାହାରକୁ ବୁଲାଇବାକୁ ନେଇଥିଲେ। ରାତି ପ୍ରାୟ ୧୧ଟାରେ ଫେରିବାବେଳକୁ ଘର ଗେଟ୍ ବନ୍ଦ ଥିଲା। ସେ ଗେଟ୍ ଡେଇଁ ଭିତରକୁ ଯିବା ପରେ ବାସନ୍ତୀ ଘରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ।




ଚିଟ୍‌ଫଣ୍ଡ୍ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ଓ ଟଙ୍କା ଫେରସ୍ତ ଦାବିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜମାକାରୀ ଗଣ ସତ୍ୟାଗ୍ରହ ଅବସରରେ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ତହସିଲ୍ ଅଫିସ୍ ଆଗରେ ବିକ୍ଷୋଭ।



ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ମରଶରୀରକୁ ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଉଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ ଶେଷ ଦର୍ଶନ କରୁଛନ୍ତି।




ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ପରଲୋକରେ ଭୁବନେଶ୍ୱରସ୍ଥିତ ବିଜେଡି ପାର୍ଟି ଅଫିସ୍‌ରେ ଶୁକ୍ରବାର ଅନୁଷ୍ଠିତ ଶୋକସଭା।

**ରାତି ୧୦ଟାରେ ଉଠିବ ଲିଙ୍ଗରାଜଙ୍କ ମହାଦୀପ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.)-କୋଭିଡ୍ କଟକଣାରେ ଚଳିତ ଥର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଳନ ହେବ। ରାତି ୧୦ଟାରେ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିବ। ଶୁକ୍ରବାର ଅପରାହ୍ଣରେ ସର୍କିଟ ହାଉସ ପରିସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଶ୍ରଦ୍ଧାଳୁମାନେ ମନ୍ଦିର ଗର୍ଭଗୃହ ନିକଟରେ ଥିବା ଆଡ଼କାଠ ଠାରେ ରହି ଦର୍ଶନ କରିପାରିବେ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ ନୀତି ଓ ପୂଜାର୍ଚ୍ଚନା ହେବ। ଏଥିସହ ବୈଠକରେ ସେବାୟତଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଠାକୁରଙ୍କ ରୁପାର ପ୍ରଭା ପରିବର୍ତ୍ତନ, ଦୋକାନୀଙ୍କ ଠାରୁ ଅଧିକ ଭଡ଼ା ଆଦାୟ ଭଳି ବହୁ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଜେଲରେ ବ୍ରାଉନସୁଗାର ବେପାରୀଙ୍କୁ ଇଡିର ଜେରା

ଭୁବନେଶ୍ୱର,୧୧।୨(ବ୍ୟୁରୋ): ଦଢ଼କୋଟି ଟଙ୍କାର ବ୍ରାଉନସୁଗାର ଜବତ ମାମଲାରେ ସମ୍ପୃକ୍ତ ବେପାରୀ ସେକ୍ ହସିମ୍ ବକ୍ସି ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି। ତେବେ ଏହି ବେଆଇନ ବ୍ୟବସାୟରେ ଟଙ୍କା କାରବାରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନିଜ ଆଡୁ ଏକ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଛି। ଏଥିପାଇଁ ଇଡିର ୨ ଜଣିଆ ଟିମ୍ ଶୁକ୍ରବାର ଜେଲରେ ପହଞ୍ଚି ହସିମ୍‌ଙ୍କୁ ଜେରା କରିଛି। ବ୍ରାଉନସୁଗର କାରବାରରେ ଉପାର୍ଜିତ ଟଙ୍କା ସେ କେଉଁଠି ନିବେଶ କରିଛନ୍ତି, ଏହି ଟଙ୍କା ସେ କେତେଜଣଙ୍କୁ ଦେଇଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ପଚାରିବା ସହ ଇଡି ତାଙ୍କଠାରୁ ତଥ୍ୟ ହାସଲ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ହସିମ୍‌ଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଝାଡ଼େଶ୍ୱରପୁର ଅଞ୍ଚଳରେ। ସେ ରାଜ୍ୟର ବିଭିନ୍ନ ଏଜେଣ୍ଟଙ୍କୁ ବ୍ରାଉନସୁଗାର ଯୋଗାଉଥିଲେ। ତେବେ ୨୦୨୦ ଅକ୍ଟୋବର ୩୧ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ହସିମ୍‌ଙ୍କୁ ବରମୁଣ୍ଡାରୁ ଗିରଫ କରିଥିଲା। ୧ କୋଟି ୭୦ ଲକ୍ଷ ଟଙ୍କାର ୧ କିଲୋ ୭୦୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା।

### ସାସ୍‌ମୋସିଟି ଉଦ୍‌ଘାଟିତ

ପୁରୀ ଅଫିସ, ୧୧।୨: ଓଡ଼ିଶାରେ ଜର୍ମାନୀ କମ୍ପାନୀ 'ଜମେକ୍ସ'ର ପ୍ରଥମ ଅଗ୍ନି ନିରୋଧୀ ୟୁପିଭିସି ଉତ୍ପାଦନ ଆରମ୍ଭ ହୋଇଛି। ପୁରୀ ସହର ଉପକଣ୍ଠ ଭାରଥିପୁର ଅଞ୍ଚଳରେ ସାସ୍‌ମୋସିଟି ଗଢିଉଠିଛି। ସାସ୍‌ମୋସିଟିର ସ୍ୱତ୍ୱାଧିକାରୀ ଶିଳ୍ପପତି ବିଶ୍ୱରଞ୍ଜନ ସାସମଲଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ନେବଳ ଦାସ ମଠର ମହନ୍ତ ଡ. ରାମଚରଣ ଦାସଜୀ ମହାରାଜ ଏହାର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରଜତ କୁମାର ପ୍ରତିହାରୀ ଯୋଗଦେଇ ଏହି ଶିଳ୍ପାନୁଷ୍ଠାନ ମାଧ୍ୟମରେ ପୁରୀର ଯୁବକମାନେ କର୍ମନିଯୁକ୍ତି ଏବଂ ଓଡ଼ିଶାବାସୀ ଅଗ୍ନି ନିର୍ବାପକ ପ୍ଲାଷ୍ଟିକ ଗୃହ ନିର୍ମାଣ ଉପକରଣ ପାଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ଓ ସମ୍ପାଦକ ତଥା ଗୋବିନ୍ଦ ଗୋଧାମ ଗୋଶାଳାର ମୁଖ୍ୟ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଜୀ ମହାରାଜ ଯୋଗଦେଇଥିଲେ। ଏହି ଅବସରରେ ପଣ୍ଡିତ ସରୋଜ କୁମାର ମିଶ୍ର, ପଣ୍ଡିତ ସୌମ୍ୟରଞ୍ଜନ ଆଚାର୍ଯ୍ୟ, ବ୍ରଜସୁନ୍ଦର ବଡ଼ପଣ୍ଡା, ଗଣେଶ୍ୱର ପଣ୍ଡା, କାର୍ତ୍ତିକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଗୃହ ମରାମତି ବେଳେ ତାଲା ପକାଇଲେ ମହିଳା

ପିପିଲି, ୧୧।୨(ଡି.ଏନ୍.ଏ.)- ଆମକୁ ନୂଆ ଘର ଦରକାର, ବାତ୍ୟା ଆଶ୍ରୟସ୍ଥଳ ପୁରୁଣା ଘରକୁ ମରାମତି କରି ମିଶନ ଶକ୍ତି ନାମରେ ମହିଳାମାନଙ୍କୁ ଦିଆଯାଇଥାନ୍ତା ନୂତନ ଗୃହ। ମରାମତି ସମୟରେ ନିର୍ମାଣ କାମକୁ ବିରୋଧ କରି ମହିଳାମାନେ ଘରେ ତାଲା ପକାଇଛନ୍ତି। ଏହି ଘଟଣାରେ ପିପିଲି ବ୍ଲକ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ମହିଳା ମହିଳାସଂଘ ସଦସ୍ୟାମାନେ ପିପିଲି ବିଡିଓ ରଶ୍ମିତା ନାଥଙ୍କୁ ଏକ ଅଭିଯୋଗ ପତ୍ର ଦେଇ ନୂତନ ଘର ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଜଗନ୍ନାଥପୁର ଗ୍ରାମପଞ୍ଚାୟତ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ସରକାର ଅନୁମତି ଦେବା ପରେ ମହିଳାମାନେ ଗୃହ ପାଇଁ ସ୍ଥାନ ନିରୂପଣ କରିଥିଲେ। ପରେ ଗୃହ ନିର୍ଦ୍ଧାରିତ ସ୍ଥାନରେ ନ ହୋଇ ପିପିଲି ବାଇପାସ୍ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ମରାମତି କରି ମହିଳା ମିଶନ ଶକ୍ତିଙ୍କ ନୂତନ ଗୃହ ଭାବେ ନିର୍ମାଣ କରାଯାଉଥିଲା। ବୁଧବାର ମହିଳାମାନେ ଏହାକୁ ବିରୋଧ କରି ନିର୍ମାଣାଧୀନ ଗୃହରେ ତାଲା ପକାଇଛନ୍ତି। ଘରଟି ବାଇପାସ ନିକଟରେ ହୋଇଥିବାରୁ ମହିଳାମାନେ ଏଠାରେ ସୁରକ୍ଷିତ ଭାବେ ସଭାସମିତି କରିପାରିବେନି। ଏହାସହ ଆମକୁ ନୂଆ ଘର ଦରକାର ବୋଲି ମହିଳା ମହାସଂଘର ସଭାନେତ୍ରୀ ମମତା ମହାରଣା କହିଛନ୍ତି।

# ଦୋଷ ଖସାଇବାକୁ ବାଟ ଖୋଜା

**ବନ ବିଭାଗ ଚୁପ୍, ବାଟବଣା ତଦନ୍ତ**

**ଆଠଗଡ଼ ହାତୀ ମୃତ୍ୟୁ**

- ■ପିସିସିଏଫ୍ ଅଫିସ ଘେରାଉ ପାଇଁ ଚେତାବନୀ
- ■୩ ଦିନ ସମୟ ଦେଲା ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟ



ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପଶ୍ଚିମ ରେଞ୍ଜ୍ ଅନ୍ତର୍ଗତ ବାରାସିଂଘା ବିଟ୍ ଅଞ୍ଚଳରେ ଏକ ଦନ୍ତାହାତୀର ଗଳିତ ମୃତଦେହକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ମାଟିତଳୁ ଜବତ କରିଥିଲା। ହାତୀଟିର ଦାନ୍ତ କଟାଯାଇଥିବାବେଳେ ପୋତିବା ପୂର୍ବରୁ ପୋଡ଼ି ଦିଆଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ଘଟଣାକୁ ଇତିମଧ୍ୟରେ ୪ଦିନ ବିତିଯାଇଥିଲେ ମଧ୍ୟ ବନ ବିଭାଗର ନୀରବତା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ଦିନ ବନ୍ୟପ୍ରାଣୀ ପିସିସିଏଫ୍ ତଦନ୍ତ ହେବ କହି ଏବେ ଚୁପ୍ ବସିଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ଉଠାଇ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଅଫିସ ଘେରାଉ ପାଇଁ ଚେତାବନୀ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ବାଲିକିଆରି ଜଙ୍ଗଲରେ ଏକ ଛୋଟ ହାତୀକୁ ମାରି ଦାନ୍ତ କାଟିନେବା ପରେ ପୋଡ଼ାଯାଇ ପୋତି ଦିଆଗଲା। ବ୍ୟବଚ୍ଛେଦରୁ ଏହା ସ୍ପଷ୍ଟ ହୋଇସାରିଛି। ତେବେ ଏତେସବୁ କାମ ବନ କର୍ମଚାରୀଙ୍କ ବିନା ସହଯୋଗରେ କରିବା ଅସମ୍ଭବ। କାରଣ ହାତୀକୁ ପୋତିବା ପାଇଁ ଗାତ ଖୋଳିବା କାମରେ ଜେସିବି ନିଶ୍ଚୟ ବ୍ୟବହାର ହୋଇଥିବ। ଜଙ୍ଗଲରେ ଶିକାରୀମାନେ ଏ କାମ କରନ୍ତି ନାହିଁ। ଶିକାରୀମାନେ ହାତୀକୁ ମାରିବା ପରେ ଦାନ୍ତ କାଟି ଖସି ପଳାନ୍ତି। କିନ୍ତୁ ଏଠାରେ ହାତୀ ମୃତ୍ୟୁର ପ୍ରମାଣ ନଷ୍ଟ ପାଇଁ ଭରପୂର ପ୍ରଚେଷ୍ଟା କରାଯାଇଥିବା ଜଣାପଡୁଛି। ଅର୍ଥାତ୍ ସ୍ଥାନୀୟ ବନ କର୍ମଚାରୀମାନେ ନିଜର କର୍ତ୍ତବ୍ୟ ପାଳନ କରିବାରେ ଅବହେଳା କରିଥିବା ସ୍ପଷ୍ଟ ହେଉଛି। କିଏ ହାତୀକୁ ମାରିଲା, କେଉଁଠି ମାରିଲା, କିଏ କିଏ ଗାତ ଖୋଳିଲେ, ପୋଡ଼ିଲେ, କିଏ ଦାନ୍ତ କାଟିଲେ ଏସବୁ କଥା ତଦନ୍ତ ପରେ ସ୍ପଷ୍ଟ ହେବ। କିନ୍ତୁ ହାତୀକୁ ଟ୍ରାକିଂ କରିବା ତଥା ସୁରକ୍ଷା ଦେବା ଦାୟିତ୍ୱ ବନ କର୍ମଚାରୀଙ୍କ ହାତରେ ନ୍ୟସ୍ତ ଥିଲା, ଯେଉଁଥିରେ ସେମାନେ ବିଫଳ ହୋଇଛନ୍ତି। ତେଣୁ ନିରପେକ୍ଷ ତଦନ୍ତ ପାଇଁ ବିଶ୍ୱଜିତ୍ ଦାବି କରିବା ସହ ତଦନ୍ତ ପ୍ରଭାବିତ ଆଶଙ୍କା କରି ସେ ସ୍ଥାନୀୟ ଫରେଷ୍ଟ ଗାର୍ଡ, ଫରେଷ୍ଟର ଏବଂ ରେଞ୍ଜରଙ୍କୁ ତୁରନ୍ତ ନିଲମ୍ବନ କରି ସେଠାରୁ ଅନ୍ୟତ୍ର ବଦଳି କରାଯିବା ଆବଶ୍ୟକ ବୋଲି କହିଛନ୍ତି। ତାଙ୍କ ମତରେ, ଏମାନେ ସେଠାରେ ପଦବୀରେ ରହିଲେ, ସେମାନଙ୍କ ଅଧୀନରେ ଥିବା ଅସ୍ଥାୟୀ କର୍ମଚାରୀମାନେ କେବେହେଲେ ସତ କଥା କହିବାକୁ ସାହସ କରିବେ ନାହିଁ। ହେଲେ ବନ୍ୟ ପ୍ରାଣୀ ପିସିସିଏଫ୍ ତାହା ନ କରି ଦୋଷ ଖସାଇବାକୁ ତଦନ୍ତକୁ ବାଟବଣା କରିବାକୁ ସୁଯୋଗ ଦେଉଛନ୍ତି। ଏପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଏସ୍‌ଟିଏଫ୍ ମଧ୍ୟ ତା'ର ଆଭିମୁଖ୍ୟ ଏଯାବତ ସ୍ପଷ୍ଟ କରୁ ନ ଥିବାରୁ ନିଶ୍ଚିତ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସେ ସନ୍ଦେହ କରୁଛନ୍ତି।

ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏସ୍‌ଟିଏଫ୍ ତୁରନ୍ତ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁସାରେ ମାମଲା ରୁଜୁ କରି ବାରାସିଂଘା ବିଟ୍‌ର ସମସ୍ତ ୱାଚର, ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ନରସିଂହପୁର ପଶ୍ଚିମ ରେଞ୍ଜରଙ୍କୁ ଗିରଫ କରି ପ୍ରମାଣ ନଷ୍ଟ କରିବା ଉଦ୍ୟମ ନିମନ୍ତେ ଆଇପିସିର ସମୁଚିତ ଧାରା ଲଗାଇ କୋର୍ଟ ଫରୱାର୍ଡ କରିବା ଉଚିତ। ସେଥିରେ ବନ୍ୟପ୍ରାଣୀ ଆଇନର ଧାରା ୫୭ ମଧ୍ୟ ଯୋଡ଼ିବା ଉଚିତ ବୋଲି ସେ କହିଛନ୍ତି। ଏକାମ୍ର ଆନିମଲ ୱେଲଫେୟାର ଟ୍ରଷ୍ଟର ପୁରବୀ ପାତ୍ର କହିଛନ୍ତି, ଆମେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଆଉ ୩ ଦିନ ସମୟ ଦେଉଛୁ। ଯଦି ସେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ନେଲେ, ଆସନ୍ତା ୧୫ତାରିଖରେ ତାଙ୍କ ଅଫିସ ଫାଟକ ବନ୍ଦ କରିବା ସହ ଧାରଣା ଦେବୁ।



ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଗାଡ଼କଣଠାରେ ଥିବା ଏକ ବେଆଇନ ଘରକୁ ବିଡିଏ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଉଛି।

# ମହାପ୍ରଭୁଙ୍କ ଦର୍ଶନ ପାଇଁ ଦଣ୍ଡବତରେ ଯାଉଛନ୍ତି ଭକ୍ତ

ବାରଙ୍ଗ, ୧୧।୨(ଡି.ଏନ୍.ଏ.)

ସଂସାରର ମଙ୍ଗଳ କାମନା କରି ବାହାରିଛନ୍ତି ପୁରୀ। ତାହା ପୁଣି ଶରୀରକୁ କଷ୍ଟ ଦେଇ, ରାସ୍ତାରେ ଖାଲିପାଦରେ ଚାଲିବା ସହ ଦଣ୍ଡ ମାରି ମାରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଉଛନ୍ତି ୭୦ ବର୍ଷର ବୃଦ୍ଧ ରାମହଂସ ଦାସ। ରାଜସ୍ଥାନର ସବିମାଧପୁର ଜିଲା ଗଙ୍ଗାପୁରସେଠ ତହସିଲର ଖଣ୍ଡଦୀପ ଗ୍ରାମରେ ରାମହଂସଙ୍କ ଘର। ୨୯ ଏପ୍ରିଲରୁ ଘରୁ ବାହାରିବା ସହ ଏହା ମଧ୍ୟରେ ୯ମାସ ୧୪ଦିନ ବିତିଗଲାଣି। ଜଗତ କଲ୍ୟାଣ ପାଇଁ ଓ ସଂସାରରୁ ଦୁର୍ନୀତି, ଭ୍ରଷ୍ଟାଚାର ଦୂର ହେବାର ସଂକଳ୍ପ ନେଇ ଜଗା ଦର୍ଶନରେ ଆଗେଇ ଚାଲିଛନ୍ତି ରାମହଂସ। ତାଙ୍କ ସାଥିରେ ଜଣେ ଯୁବକ ମଧ୍ୟ ଚାଲି ଚାଲି ଯାଉଛନ୍ତି। ଯେଉଁଠି ରାତି ହେଉଛି ସେଠାରେ ସେ ବିଶ୍ରାମ ନେଉଛନ୍ତି। ତେବେ ଶୁକ୍ରବାର ଅପରାହ୍ଣରେ ବାରଙ୍ଗସ୍ଥିତ ରାମଦାସପୁରଠାରେ ପହଞ୍ଚିବା ପରେ ଦେଖଣାହାରିଙ୍କ ଭିଡ଼ ଲାଗିରହିଥିଲା। ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ସେ ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରିଯାପନ କରିଛନ୍ତି। ମେରା ସବ୍‌କୁଛ ଶ୍ରୀଜଗନ୍ନାଥ ଓ ଜଗତ୍ କଲ୍ୟାଣ ଉଦ୍ଦେଶ୍ୟରେ ବାହାରିଥିବା ରାମହଂସ କହିଛନ୍ତି।



# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଦାବିରେ ସତ୍ୟାଗ୍ରହ

ପୁରୀ ଅଫିସ, ୧୧।୨:

ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଦାବି ଜୋର୍ ଧରୁଛି। ଏହି ଦାବି ନେଇ ଶୁକ୍ରବାର ପୁରୀ ତହସିଲ କାର୍ଯ୍ୟାଳୟ ଆଗରେ ଜମାକାରୀଙ୍କ ପକ୍ଷରୁ ଗଣସତ୍ୟାଗ୍ରହ କରାଯାଇଥିଲା। ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ସରକାର ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇ ମଧ୍ୟ ଜମା ଅର୍ଥ ନ ଫେରାଇ ଆତ୍ମସାତ କରିଥିବା ଅଭିଯୋଗ ଆଣି ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ଆହ୍ୱାନ କ୍ରମେ ଜମାକାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ତଦନ୍ତ କମିଶନଙ୍କ ଦ୍ୱାରା ଯାଞ୍ଚ ସରିଥିବା ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ, ବାକି ଜମାକାରୀଙ୍କୁ ଚିହ୍ନଟ ଓ ଜମା ପ୍ରମାଣ ଯାଞ୍ଚ ସହ ଟଙ୍କା ଫେରାଇବା, ପରିପକ୍ୱ ରାଶି ଫେରସ୍ତ ପର୍ଯ୍ୟନ୍ତ ଜମାରାଶି ଆଦାୟ ବନ୍ଦ ରଖାଯିବାକୁ ଦାବି ହୋଇଛି। ଓଡ଼ିଶା ସରକାର ଅସାଧୁ କମ୍ପାନୀଙ୍କଠାରୁ ଜବତ କରିଥିବା ଟଙ୍କା, ସୁନା, ରୁପା, କୋଠାବାଡ଼ି, ଜମି, ଶିଳ୍ପ ଓ ବିଭିନ୍ନ ଅସ୍ଥାବର ସମ୍ପତ୍ତି ନିଲାମ କରିଛନ୍ତି। ନିଲାମ ଅର୍ଥ ସାର୍ବଜନୀନ କରିବା ପାଇଁ ମଞ୍ଚ ଦାବି କରିଛି।



# କଫ୍‌ସିରପ ବିକ୍ରି କରି ୭ ଗିରଫ

**୩ ମୋବାଇଲ ଫୋନ୍, ୨୩, ୭୦୦ ଟଙ୍କା ଜବତ**

ପୁରୀ ଅଫିସ, ୧୧।୨:

ବେଆଇନ ଭାବେ କଫ୍‌ସିରପ ବା କୋରେକ୍ସ ଚାଲାଣ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ଟିକରପଡ଼ା ଅଞ୍ଚଳର ମନୋଜ ଭୋଇ, କୁମ୍ଭାରପଡ଼ା ଥାନା ଅଧୀନ କୁମ୍ଭାରପଡ଼ା ତଳସାହିର ସନ୍ତୋଷ ମହାନ୍ତି, ଜାଇଗଡ଼ ଜାଗା ଅଞ୍ଚଳର କାଳୁ ଚରଣ ରାଉତ ଏବଂ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଭିଏସ୍ଏସ୍ ନଗରର ଈଶ୍ୱର ଚନ୍ଦ୍ର ପୃଷ୍ଟି। ଏମାନଙ୍କ ନିକଟରୁ ୪୦ ବୋତଲ କଫ୍‌ସିରପ ସମେତ ୩ଟି ମୋବାଇଲ ଫୋନ୍, ନଗଦ ୨୩, ୭୦୦ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୫/୨୨) ରୁଜୁ କରିଛି। ସେହିପରି ବାସେଳି ସାହି ଥାନା ପୋଲିସ ପକ୍ଷରୁ ବେଆଇନ ଭାବେ କୋରେକ୍ସ ବିକ୍ରି ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପିପିଲି ଥାନା ଅନ୍ତର୍ଗତ ଚାନ୍ଦୁଆ ମାର୍କେଟର ଲିପନ ପାଣ୍ଡେ, କୃଷ୍ଣଚନ୍ଦ୍ର ମିଶ୍ର ଏବଂ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟ ଅଞ୍ଚଳର ପବିତ୍ର ନନ୍ଦ। ଏମାନଙ୍କ ନିକଟରୁ ୪୧ ବୋତଲ କୋରେକ୍ସ ବୋତଲ ଜବତ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୨୫/୨୨) ରୁଜୁ କରିଛି।

# ବିକାଶକୁ ପ୍ରସଙ୍ଗ କରିଛନ୍ତି ପ୍ରାର୍ଥୀ

- ■୧୮ ନମ୍ବର ଜୋନ ଜିଲା ପରିଷଦ ଆସନ
- ■ସମ୍ମାନ ବଜାୟ ରଖିବାକୁ ଅଣ୍ଟା ଭିଡ଼ିଛନ୍ତି ବିଜେଡି ଓ ଭାଜପା

ନିମାପଡ଼ା,୧୧।୨(ଡି.ଏନ୍.ଏ.):

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜମିଲାଣି ପ୍ରଚାର। ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ପ୍ରତି ଗାଁ, ୱାର୍ଡରେ ବସୁଛି ଘନ ଘନ ବୈଠକ। ଗାଁ ୱାର୍ଡର ସମସ୍ୟା ବୁଝୁଛନ୍ତି। ସମାଧାନ ପାଇଁ ଭୋଟରଙ୍କୁ ନୂଆ ସମ୍ଭାବନା ଓ ପ୍ରତିଶ୍ରୁତି ଦେଇ ମନାଇବାକୁ କରୁଛନ୍ତି ଉଦ୍ୟମ। ଏହାରି ମଧ୍ୟରେ ପୁରୀ ଜିଲା ନିମାପଡ଼ା ବ୍ଲକର ୧୮ନମ୍ବର ଜୋନ୍ ଜିଲାପରିଷଦ ପଦ ପାଇଁ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ନିମାପଡ଼ା ବ୍ଲକର ୪ଜିଲାପରିଷଦ ଜୋନ୍ ମଧ୍ୟରୁ ୧୮ନଂ.ଜୋନ୍ ଗୁରୁତ୍ୱପୂର୍ଣ୍ଣ। ଏହି ବ୍ଲକର ହରିପୁର, ଗଡ଼ପଦନପୁର, ଶାଇଁଶାସନ, ଗୋପୀନାଥପୁର, ବଳଙ୍ଗା, କୋଟକୋସାଙ୍ଗ, ଉଛୁପୁର, ନୂଆସନ୍ଧ ଆଦି ୮ଟି ପଞ୍ଚାୟତକୁ ନେଇ ଏହି ଜୋନ ଗଠିତ। ଚଳିତ ନିର୍ବାଚନରେ ଏହି ଜୋନରୁ ବିଜେଡିର ଜିଲାପରିଷଦ ପ୍ରାର୍ଥୀଭାବେ କୁଞ୍ଜଲତା ସାମଲ, ଭାଜପାର ସ୍ୱପ୍ନ କୁମାର ମିଶ୍ର, କଂଗ୍ରେସର ସୁଶାନ୍ତ କୁମାର ଜେନା, ସ୍ୱାଧୀନ ପ୍ରାର୍ଥୀଭାବେ ସମୀର କୁମାର ସାହୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀର୍ଘ ୩୦ବର୍ଷ ହେବ କୁଞ୍ଜଲତା ବିଜେଡିରେ ରହିଛନ୍ତି। ସେ ନିମାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଓ ୫ ଥର ବିଭିନ୍ନ ଜୋନରୁ ଜିଲା ପରିଷଦ ସଭ୍ୟଭାବେ ନିର୍ବାଚିତ ହୋଇଛନ୍ତି। ବିକାଶମୂଳକ କାର୍ଯ୍ୟ କରିବା ସଙ୍କଳ୍ପ ନେଇ ପ୍ରଚାର କରିବା ସହ ଭୋଟ୍ ପାଇଁ ନିବେଦନ କରୁଛନ୍ତି। ଚଳିତ ଥର ଏହି ଜୋନରୁ ବିଜୟୀ ହେବେ ବୋଲି ସେ ଆଶା ରଖିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ମିଶ୍ର ଜଣେ ଉଚ୍ଚଶିକ୍ଷିତ ଓ ଯୁବନେତା। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ରାଜନୀତିକୁ ଆସିଛନ୍ତି। ମୋଦିଙ୍କ ବିକାଶମୂଳକ ଯୋଜନାକୁ ପାଥେୟ କରି ଘର ଘର ବୁଲି ଭୋଟ୍ ପାଇଁ ନିବେଦନ କରୁଛନ୍ତି। ନିର୍ବାଚନରେ ବିଜୟୀ ହେବେ ବୋଲି ସେ ଆସ୍ଥା ପ୍ରକଟ କରିଛନ୍ତି। ଏହି ଜୋନ୍ ଅନ୍ତର୍ଗତ ପ୍ରତ୍ୟେକ ପଞ୍ଚାୟତରେ ବିଜେଡିର ସ୍ଥିତି ମଜଭୁତ ରହିଛି। ବିକାଶ ହିଁ ବିଜୟର ମାପକାଠି। ଏହି ଜୋନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବେ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଏହି ଜୋନର ଫଳାଫଳ ଭାଜପା ସପକ୍ଷରେ ଯିବ ବୋଲି ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଯୁବନେତା ଦିଲୀପ ନାୟକ ଆଶା ରଖିଛନ୍ତି। ଏହି ଜୋନରେ ପ୍ରାର୍ଥୀଙ୍କ ବିଜୟ ବିଜେଡି ଓ ଭାଜପା ଦଳର ହେଭିଓ୍ୱେଟ ନେତାଙ୍କ ସମ୍ମାନର ପ୍ରଶ୍ନ ହୋଇଛି।

### ୨ ପଞ୍ଚାୟତରେ ଗଣଶିକ୍ଷା ମନ୍ତ୍ରୀଙ୍କ ମାରାଥନ ପ୍ରଚାର

ନିମାପଡ଼ା,୧୧।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ୧୯ନଂ. ଜିଲା ପରିଷଦ ଜୋନ୍‌ର ୬ପଞ୍ଚାୟତର ପ୍ରାୟ ୫୦ଟି ଗ୍ରାମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ମାରାଥନ ପ୍ରଚାର କରିଥିଲେ। ଏହି ପ୍ରଚାରରେ ମନ୍ତ୍ରୀ ଦାଶ ଜୋନର ବିଜେଡି ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀ ପ୍ରଦୀପ କୁମାର ଖଟୋଇଙ୍କ ସମେତ କେତେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ସାଙ୍ଗରେ ଧରି ଏକ ଶୋଭାଯାତ୍ରା କରି ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତର ଗ୍ରାମ ପରିକ୍ରମା କରିବା ବେଳେ ବିଭିନ୍ନ ଗାଁଗଣ୍ଡାରେ ପଥପ୍ରାନ୍ତ ସଭା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ବିଭିନ୍ନ ଲୋକାଭିମୁଖୀ ଯୋଜନା, ଗାଁର ବିକାଶ କଥା କହି ଭୋଟରଙ୍କୁ ଆକୃଷ୍ଟ କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭୋଟରଙ୍କୁ ମନ୍ତ୍ରୀ ଦାଶ ନିବେଦନ କରିଥିଲେ। ଏଥିସହ ସମସ୍ତ ପ୍ରାର୍ଥୀ ମଧ୍ୟ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

### ଦିବ୍ୟାଙ୍ଗ ନିରଞ୍ଜନଙ୍କୁ ସହାୟତା

ପୁରୀ ଅଫିସ, ୧୧।୨:

ବୀରହରେକୃଷ୍ଣପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ଗ୍ରାମର ଦିବ୍ୟାଙ୍ଗ ଯୁବକ ନିରଞ୍ଜନ ମହାପାତ୍ର(୩୬)ଙ୍କୁ 'ଉର୍ଜାବାନ ଓଡ଼ିଶା' ସହାୟତା ପ୍ରଦାନ କରିଛି। ଦୀର୍ଘଦିନ ଧରି ନିରଞ୍ଜନ ବାତଜନିତ ରୋଗରେ ପୀଡ଼ିତ ଥିଲେ। ଏହି ଖବର ପାଇ 'ଉର୍ଜାବାନ ଓଡ଼ିଶା' ସଭାପତି ସନ୍ତୋଷ କୁମାର ସେନାପତିଙ୍କ ନେତୃତ୍ୱରେ ସଦସ୍ୟମାନେ ତାଙ୍କୁ ଭେଟି ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଥିଲେ। ଏଥିସହ ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ତାଙ୍କୁ ରାଶନ ସାମଗ୍ରୀ ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସମ୍ପାଦିକା ନିହାରିକା ତ୍ରିପାଠୀ, କୋଷାଧ୍ୟକ୍ଷ ସୀତାରାମ ସେନାପତି, ଦେବେନ୍ଦ୍ର ସୁବୁଦ୍ଧି, ମନୋରଞ୍ଜନ ରଥ, ଜିତେନ୍ଦ୍ର ପାତ୍ର, ମନୋଜ ନାୟକ, ଆଦର୍ଶ ମିଶ୍ର, ଗୌତମ ସାହୁ ଏବଂ ଧନେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୨ ମଦ ବେପାରୀ ଗିରଫ

ନିମାପଡ଼ା,୧୧।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପୁରୀ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚୋରା ମାଦକ ଦ୍ରବ୍ୟ କାରବାରକୁ ଦମନ କରିବା ପାଇଁ କଡ଼ା ପଦକ୍ଷେପ ନିଆଯାଇଛି। ଏହି ଅବସରରେ ଶୁକ୍ରବାର ପୁରୀ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ବଳଙ୍ଗା ଥାନା ସହାୟତାରେ ବିଭିନ୍ନ ଅଞ୍ଚଳ ଉପରେ ଅଚାନକ ଚଢ଼ାଉ କରାଯାଇ ୨୨୫ ବୋତଲ ଚୋରାମଦ ଜବତ କରାଯାଇଛି। ଜବତ ମଦର ମୂଲ୍ୟ ପ୍ରାୟ ୧୮ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏଥିସହ ୨ ଚୋରା ମଦ ବେପାରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଳଙ୍ଗା ଥାନା ଅଧୀନ ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତି ଓ ବଳଙ୍ଗାର ଧଡ଼େନ୍ଦ୍ର ଖଟୁଆ। ସେମାନଙ୍କ ଜାମିନ ଆବେଦନକୁ କୋର୍ଟ ନାମଞ୍ଜୁର କରିଦେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି। ଏ ନେଇ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ କେସ୍ ନଂ.୧୬୯/୨୨ ଓ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ. ୬୩/୨୨ରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି। ପୁରୀ ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ଏସ୍ଆଇ ମମତା କୁମାରୀ ଦାସ, ଏଏସ୍ଆଇ ସୁବାସ ମହାପାତ୍ର, ନିମାପଡ଼ା ଅବକାରୀ କର୍ମଚାରୀ ପ୍ରଦୀପ୍ତ ପଣ୍ଡା, ଜିତେନ୍ଦ୍ର ବେହେରା, ସବିତା ସାହୁ, ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।



ଭୁବନେଶ୍ୱରର ବ୍ରହ୍ମେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ 'ବ୍ରହ୍ମେଶ୍ୱର କପ୍'ର ଶୁକ୍ରବାର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଆଇଆର୍‌ସି (ନୟାପଲ୍ଲୀ) ଓ ରକ୍ ଷ୍ଟାର୍ (କଟକ)ଟିମ୍‌ର ଖେଳାଳିମାନେ।



କଟକ ଶିଳ୍ପୀ କୁମ୍ଭାରସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଭିନେତା ମିହିର ଦାସଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅଭିନେତା କୁନା ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।



ଏକାତ୍ମ ମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୪ତମ ବଳିଦାନ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।